ବର୍ଷ-୨୫, ସଂଖ୍ୟା-୨୬୬
ଭୁବନେଶ୍ୱର
୦୭, ଅକ୍ଟୋବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 266
Bhubaneswar
07, October, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ସ୍ତ୍ରୀ-୩ରେ ଶ୍ରଦ୍ଧା କପୁର

# ବାଜିଲା ବିହାର ନିର୍ବାଚନ ବିଗୁଲ୍

## ଦୁଇଟି ପର୍ଯ୍ୟାୟ ନଭେମ୍ବର ୬ ଓ ୧୧ ରେ ମତଦାନ, ନେତା ବାଛିବେ ୭.୪୨ କୋଟି ଭୋଟର

**ନୂଆଦିଲ୍ଲୀ,୬।୧୦(ମହାଭାରତ):** ବିହାର ବିଧାନସଭା ନିର୍ବାଚନ ପାଇଁ ଘୋଷଣା ହୋଇଛି ତାରିଖ। ଭାରତୀୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏହି ତାରିଖ ଘୋଷଣା କରିଛନ୍ତି। ତାଙ୍କ ଘୋଷଣା ଅନୁଯାୟୀ, ବିହାରର ୧୮ତମ ବିଧାନସଭା ନିର୍ବାଚନ ନଭେମ୍ବର ୬ରୁ ଆରମ୍ଭ ହେବ। ୨୪୩ଟି ବିଧାନସଭା ଆସନ ପାଇଁ ମୋଟ ୨ଟି ପର୍ଯ୍ୟାୟରେ ଭୋଟିଂ ହେବ। ପ୍ରଥମ ପର୍ଯ୍ୟାୟ ଭୋଟିଂ ନଭେମ୍ବର ୬ ଓ ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ ନଭେମ୍ବର ୧୧ ହେବ। ଏହାପରେ ନଭେମ୍ବର ୧୪ରେ ଭୋଟିଂ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ନଭେମ୍ବର ୬ରେ ମୋଟ ୧୨୧ଟି ଆସନ ପାଇଁ ଭୋଟିଂ ହେବ। ଏଥିପାଇଁ ଅକ୍ଟୋବର ୧୦ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୧୭ ରହିଥିବା ବେଳେ ୧୮ ତାରିଖରେ ଏହାର ଯାଞ୍ଚ କରାଯିବ। ନାମାଙ୍କନ ଦାଖଲର ଶେଷ ତାରିଖ ୨୦ ଅକ୍ଟୋବର ରହିଛି। ଏହାପରେ ନଭେମ୍ବର ୬ରେ ଭୋଟିଂ ହେବ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ୧୩ ତାରିଖ ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ବିହାରର ୧୨୨ଟି ବିଧାନସଭା ଆସନ ପାଇଁ ମତଦାନ। ନାମାଙ୍କନ ଦାଖଲର ଶେଷ ତାରିଖ ୨୦ ଅକ୍ଟୋବର ରହିଥିବା ବେଳେ ୨୧ତାରିଖରେ ଏହାର ଯାଞ୍ଚ କରାଯିବ। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଅକ୍ଟୋବର ୨୩ ତାରିଖ। ଏହାପରେ ନଭେମ୍ବର ୧୧ରେ ମତଦାନ ହେବ।

ବିହାରର ୨୪୩ଟି ବିଧାନସଭା ଆସନରୁ ୨ଟି ଅନୁସୂଚିତ ଜନଜାତି ଓ ୩୮ଟି ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ନଭେମ୍ବର ୨୨ରେ ବିହାରର ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହା ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଜ୍ଞାନେଶ କୁମାର






କହିଛନ୍ତି ।ସେ କହିଛନ୍ତି, ନୂଆ କରି ଭୋଟର ତାଲିକାରେ ସାମିଲ ହେଉଥିବା ଲୋକଙ୍କୁ ନୂଆ କରି ଭୋଟର କାର୍ଡ ଦିଆଯିବ। ବିହାରର ମୋଟ ଭୋଟରଙ୍କ ସଂଖ୍ୟା ୭.୪୨ କୋଟି ହୋଇଥିବା ବେଳେ ଏହା ମଧ୍ୟରେ ୩.୯୨ କୋଟି ପୁରୁଷ ଓ ୩.୫ କୋଟି ମହିଳା ରହିଛନ୍ତି। ସେହିପରି ୧୪ ଲକ୍ଷ ଯୁବକ ପ୍ରଥମଥର ଏଥର ବିହାରରେ ଭୋଟ ଦେବେ। ଏଥିପାଇଁ ୯୦ ହଜାର ୭୧୨ଟି ବୁଥ ହୋଇଛି। ଭାରତୀୟ ନିର୍ବାଚନ କମିଶନ ଗୋଟିଏ ନେଟ ୱାନ ନାମକ ସିଙ୍ଗ ୱିଣ୍ଡୋ ଆପ୍ ? ଲଞ୍ଚ କରିବେ। ସମସ୍ତ ନିର୍ବାଚନ ସଂକ୍ରାନ୍ତ ଆପ୍ ତୁଳନାରେ ଏଥିରେ ଅତ୍ୟାଧୁନିକ ଫିଚ୍ରା ରହିବ। ନିର୍ବାଚନ ସମ୍ପର୍କିତ ସମସ୍ତ ତଥ୍ୟ ଜଣେ ଏହି ଆପ୍ ?ରୁ ଜାଣିପାରିବେ। ବିହାର ନିର୍ବାଚନ ଠାରୁ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ନିର୍ବାଚନ ସମ୍ପର୍କିତ ଭୁଲ ତଥ୍ୟକୁ କାଉଣ୍ଟର କରିବା ଓ ଲୋକଙ୍କ ପାଖରେ ଉପଯୁକ୍ତ ତଥ୍ୟ ପହଞ୍ଚାଇବା ପାଇଁ ଇସିଆ ନେଟ୍ ଆପ୍ ଲଞ୍ଚ କରାଯାଇଛି। ବର୍ତ୍ତମାନ ବିହାରରେ ବିଜେପି-ଜେଡିୟୁ ସରକାର ରହିଛି। ଚଳିତ ନିର୍ବାଚନରେ ଏନଡିଏକୁ ଟକ୍କର ଦେବାକୁ ଆରଜେଡି ଓ କଂଗ୍ରେସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ୨୦୨୦ ବିହାର ବିଧାନସଭାରେ ଆରଜେଡି ୭୫ଟି, ବିଜେପି ୭୪, ଜେଡିୟୁ ୪୩, କଂଗ୍ରେସ ୧୯, ସିପିଆଇ(ଏମଏଲ) ୧୨, ଏଆଇଏମଆଇଏମ ୫ଟି ଆସନ ଜିତିଥିଲା।

ଦୀର୍ଘ ୨୨ ବର୍ଷ ପରେ ବିହାରରେ ଅନୁଷ୍ଠିତ ହୋଇଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଏସଆଇଆର କାର୍ଯ୍ୟକ୍ରମ ଶେଷ ହେବା ପରେ ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ଏସ୍ଆଇଆର ବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଶେଷ ହେବା ପରେ ଭାରତୀୟ ନିର୍ବାଚନ କମିଶନ(ଋମସ) ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ଜାରି କରିଥିଲେ। ବିହାର ବିଧାନସଭା ନିର୍ବାଚନ ଏହି ଭୋଟର ତାଲିକା ଆଧାରରେ ଅନୁଷ୍ଠିତ ହେବ।

ମଙ୍ଗଳବାର ଜାରି ହୋଇଥିବା ଚୂଡ଼ାନ୍ତ ତାଲିକା ଅନୁଯାୟୀ, ଡ୍ରାଫ୍ଟ ତାଲିକା ତୁଳନାରେ ଚୂଡ଼ନ୍ତା ତାଲିକାର ଭୋଟ ସଂଖ୍ୟାରେ ୧୮ ଲକ୍ଷ ବୃଦ୍ଧି ହୋଇଛି। ଅଗଷ୍ଟ ୧ରେ ଜାରି ହୋଇଥିବା ଡ୍ରାଫ୍ଟ ତାଲିକାରେ ଭୋଟରଙ୍କ ସଂଖ୍ୟା ୭.୨୪ କୋଟି ରହିଥିଲା। କିନ୍ତୁ ଚୂଡ଼ାନ୍ତ ତାଲିକାରେ ଭୋଟରଙ୍କ ସଂଖ୍ୟା ୭.୪୨ କୋଟିକୁ ବୃଦ୍ଧି ପାଇଛି। ଏସ୍ଆଇଆର ପରେ ଅଗଷ୍ଟ ୧ରେ ଡ୍ରାଫ୍ଟ ତାଲିକା ଜାରି କରାଯାଇଥିଲା ।ସେପ୍ଟେମ୍ବର ୧ ଯାଏ ଆପତ୍ତି ଓ ଦାବି ଜଣାଇବାକୁ ଲୋକଙ୍କୁ ସୁଯୋଗ ଦିଆଯାଇଥିଲା। ଏସ୍ଆଇଆର କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ବିହାରରେ ଭୋଟରଙ୍କ ସଂଖ୍ୟା ୭.୮୯ କୋଟି ରହିଥିଲା ।ଚୂଡ଼ାନ୍ତ ତାଲିକା ପରେ ବି ଲୋକମାନେ ଭୋଟର ଭାବେ ପଞ୍ଜିକୃତ ହେବାକୁ ଆବେଦନ କରିପାରିବେ। ଏହି ପ୍ରକ୍ରିୟା ନାମାଙ୍କନ ଦାଖଲର ଶେଷ ହେବାକୁ ୧୦ ଦିନ ବାକି ରହିଥିବା ଯାଏ ଚାଲିବ। ସେମାନଙ୍କୁ ନାଁକୁ ମଧ୍ୟ ଭୋଟର ତାଲିକାରେ ଯୋଡା ଯିବ ବୋଲି ନିର୍ବାଚନ କମିଶନର ଜ୍ଞାନେଶ କୁମାର ଆଜି କହିଛନ୍ତି।

# ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ

**ଭୁବନେଶ୍ୱର,୬।୧୦(ମହାଭାରତ):** ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ସୋମବାର ଦିନ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏହି ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ ଆସନ୍ତା ୧୩ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଅକ୍ଟୋବର ୨୦ରେ ନାମାଙ୍କନ ଦାଖଲର ଶେଷ ତାରିଖ ରହିଥିବା ବେଳେ ଅକ୍ଟୋବର ୨୨ରେ ଯାଂଚ, ୨୪ ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ରହିଛି। ନଭେମ୍ବର ୧୧ରେ ମତଦାନ ପରେ ନଭେମ୍ବର ୧୪ ତାରିଖରେ ଭୋଟ୍ ଗଣତି ହେବ ବୋଲି ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର।



ଉପ ନିର୍ବାଚନ ତାରିଖ ଘୋଷଣା ସହ ସୋମବାର ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି। ଏଠାରେ ଆସନ୍ତା ନଭେମ୍ବର ୧୧ ତାରିଖରେ ମତଦାନ ହେବ। ନଭେମ୍ବର ୧୪ ତାରିଖରେ ମତଦାନର ଗଣତି ହେବା ସହିତ ଫଳାଫଳ ପ୍ରକାଶ ପାଇବ। ଏଥି ପାଇଁ ଆସନ୍ତା ଅକ୍ଟୋବର ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଅକ୍ଟୋବର ୨୦ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଛି। ଅକ୍ଟୋବର ୨୨ରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ। ଅକ୍ଟୋବର ୨୪ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିବ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ସନ୍ତୁ ଗୋପାଳନ ଏନେଇ ସୂଚନା ଦେଇଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି ନୂଆପଡ଼ା ଉପନିର୍ବାଚନରେ ମୋଟ ୧ ଲକ୍ଷ ୨୨ ହଜାର ୧୦୩ ପୁରୁଷ ଏବଂ ୧ ଲକ୍ଷ ୨୬ ହଜାର ୧୩୨ ମହିଳା ମତଦାନ କରିବେ। ସେହିପରି ୪ ହଜାର ଭିନ୍ନକ୍ଷମ ଏବଂ ୨୦୦୭ ବୟସ୍କ ଭୋଟରଙ୍କ ତାଲିକା ପ୍ରକାଶ ପାଇଛି। ମତଦାତାମାନେ ମୋବାଇଲ ରଖି ଭୋଟ ଦେବେ। ଏଜେଣ୍ଟମାନେ ବୁଥ ଭିତରକୁ ମୋବାଇଲ ନେଇପରିବେ ନାହିଁ। ରିଅଲ ଟାଇମ୍ ସିଷ୍ଟମରେ ୱେବ୍ କ୍ୟାଷ୍ଟିଂ କରାଯିବ। ୧୯୫୦ ଭୋଟର ହେଲ୍ପ ଲାଇନ ନମ୍ବର କାର୍ଯ୍ୟକାରୀ ହେବ। ସେ କହିଛନ୍ତି ଉପନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ପ୍ରତି ପୋଲିଂ ଷ୍ଟେସନରେ ସମସ୍ତ ବ୍ୟବସ୍ଥା କରାଯିବ। ବୟସ୍କଙ୍କ ପାଇଁ ଘରେ ଭୋଟ ଦେବା ପାଇଁ ବ୍ୟବସ୍ଥା କରାଯିବ। ସମସ୍ତ ପ୍ରାର୍ଥୀ ଏବଂ ତାଙ୍କର ରାଜନୈତିକ ଦଳ ପାର୍ଥୀଙ୍କ ଅପରାଧିକ ମାମଲାକୁ ୩ଥର ସୂଚନା ପ୍ରକାଶ କରିବାକୁ ପଡ଼ିବ। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ଟି ମତଦାନ କେନ୍ଦ୍ର ରହିବ। ପ୍ରତି କେନ୍ଦ୍ରରେ ସର୍ବାଧିକ ୧୨ ସହ ଭୋଟର ଭୋଟ ଦେଇପାରିବେ।

# ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଓକିଲ

**ନୂଆଦିଲ୍ଲୀ,୬।୧୦(ମହାଭାରତ):** ସୋମବାର ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ବିଆର ଗଭାଇଙ୍କୁ ଆକ୍ରମଣ କରିବା ଘଟଣାରେ ବାର କାଉନସିଲ ଅଫ ଇଣ୍ଡିଆ ଓକିଲ ରାକେଶ କିଶୋରଙ୍କୁ ନିଲମ୍ବିତ କରିଛି। ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ଅନୁଯାୟୀ ବହୁ ଜଲଦି ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳୁଛି ।ଖାଲି ଏତିକି ନୁହେଁ, ଅଭିଯୁକ୍ତ ଓକିଲଙ୍କ ବିରୁଦ୍ଧରେ ବାର କାଉନସିଲ ପକ୍ଷରୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଏହି ନୋଟିସ ଗ୍ରହଣ କରିବାର ୧୫ ଦିନ ମଧ୍ୟରେ ତାଙ୍କୁ ଏନେଇ ଉତ୍ତର ରଖିବାକୁ ଆଦେଶ ମଧ୍ୟ ଦିଆଯାଇଛି । ଏହି କାରଣ ଦର୍ଶାଅ ନୋଟିସରେ କଣ ପାଇଁ ତାଙ୍କ ନିଲମ୍ବନ ଆଦେଶକୁ କାର୍ଯ୍ୟକାରୀ କରାଯିବନାହିଁ ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ତା ବିଷୟରେ ଉତ୍ତର ରଖିବାକୁ କୁହାଯାଇଛି ।ଏହି ନିଲମ୍ବନ ଯୋଗୁଁ ରାକେଶ ଆଗକୁ ଦେଶର କୌଣସି ବି କୋର୍ଟରେ ମାମଲା ଲଢିପାରିବେ ନାହିଁ। ବାର କାଉନସିଲ ଅଫ ଦିଲ୍ଲୀ ତତ୍କାଳ ପ୍ରଭାବରେ ଏହି ଆଦେଶକୁ କାର୍ଯ୍ୟକାରି କରିବାକୁ ଆଦେଶ ଦେଇଛି ।ଏହାସହ ରାକେଶଙ୍କ ଏହି ଆଦେଶର ଏକ ଏକ ନକଲ ଦେଶର ସମସ୍ତ କୋର୍ଟ ଓ ଟ୍ରିବୁନାଲକୁ ପଠାଇବାକୁ ମଧ୍ୟ ନୋଟିସ ଜାରି କରାଯାଇଛି ।

# ନୂଆପଡାରେ ମୁଖ୍ୟମନ୍ତ୍ରୀଙ୍କ ୧୧୦୦ କୋଟିର ପ୍ରକଳ୍ପ ଶୁଭାରମ୍ଭ ଓ ଘୋଷଣା

**ଭୁବନେଶ୍ୱର,୬।୧୦(ମହାଭାରତ.):** ନୂଆପଡା ବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା। ସେମାନେ ଯେତେବେଳେ ଚାହିଁବେ, ମୋତେ ଭେଟିପାରିବେ। ସେମାନଙ୍କ କୌଣସି ସମସ୍ୟା ଯଦି ମୋ ନଜରକୁ ଆସେ, ତେବେ ସେ ସବୁକୁ ଗୁରୁତ୍ୱ ଦିଆଯାଇ ସମାଧାନ କରିବାକୁ ଉଦ୍ୟମ କରାଯିବ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ଗସ୍ତ କରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି।

- **ନୂଆପଡା ବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା-ମୁଖ୍ୟମନ୍ତ୍ରୀ**
- **ଖରିଆର୍ ରୋଡ୍‌କୁ ମୁନିସିପାଲିଟି ଘୋଷଣା, କୋମନା ଏବଂ ସିନାପାଲି ନୂତନ ଏନ୍.ଏ.ସି**

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୂର ହେଉ କି ପାଖ, ବଡ ହେଉ ବା ଛୋଟ, ରାଜ୍ୟର ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ମୋଦୀଜୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ସବୁ ସମୟରେ, ସବୁ ମୁହୂର୍ତ୍ତରେ ଉପସ୍ଥିତ ଅଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂଆପଡା ସହିତ ମୋର ଭାବଗତ ସମ୍ପର୍କ ରହିଛି ଏବଂ ଏହା ବଢି ବଢି ଚାଲିଛି। ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ସୁଦୃଢ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂଆପଡା ଜିଲ୍ଲା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଘୋଷଣା କରିଥିଲେ । ଏଥିମଧ୍ୟରୁ ୬୪ କୋଟି ୨ ଲକ୍ଷ ଟଙ୍କା ବିନିଯୋଗରେ ୧୦୯ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା । ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା ଏବଂ ୭୫ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ସହିତ ନୂଆପଡା ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨ କୋଟି ୯ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ । ଅନ୍ନଦାତା ମାନଙ୍କ ଜମିକୁ ଜଳ ଯୋଗାଇବା ପାଇଁ ସରକାର ନିଷ୍ଠାର ସହ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପୂର୍ବରୁ ଖରିଆର୍ ରୋଡ୍ ?କୁ ଏନ୍ ?.ଏ.ସି ରୁ ମୁନିସପାଲିଟି କରିବା ପାଇଁ ଦାବି ହୋଇଆସୁଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ଏହାକୁ ମୁନିସପାଲିଟି ରୂପେ ଘୋଷଣା କରିଛନ୍ତି । ସେହିପରି କୋମନା ବ୍ଲକକୁ ଏନ୍.ଏ.ସି ମାନ୍ୟତା ପ୍ରଦାନ କରାଯାଇଛି ଏବଂ ସିନାପାଲି ଗ୍ରାମପଞ୍ଚାୟତ ଓ ଗୋଡାଲ ଗ୍ରାମପଞ୍ଚାୟତକୁ ମିଶାଇ ଏହାକୁ ସିନାପାଲି ଏନ୍.ଏ.ସି ରୂପେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ଏହା ଭିତରେ ମୁଖ୍ୟମନ୍ତ୍ରୀ ତିନି ଥର ନୂଆପଡା ଆସିସାରିଲେଣି। ଏପ୍ରିଲ ମାସରେ ମାରାଗୁଡା ମହୋତ୍ସବକୁ ଆସି ମୁଖ୍ୟମନ୍ତ୍ରୀ ୩୨୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହା ସହିତ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମଧ୍ୟ ଯୋଗଦେଇଥିଲେ। ଆଜିକୁ ମିଶାଇ ନୂଆପଡା ପାଇଁ ମୁଖ୍ୟମନ୍ତ୍ରୀ ୧୪୨୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କେନ୍ଦୁପତ୍ର ତୋଳାଳୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି । ଚଳିତ ବର୍ଷ ଏଝଞ୍ଜ ଉନ୍ସଙ୍କଭମସକ୍ଷ ବୈଠକରେ ସେ ନିଜେ ଉପସ୍ଥିତ ହୋଇ କେନ୍ଦୁପତ୍ର ଉପରେ ଏଝଞ୍ଜ ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲେ । ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର




ସରକାର ଏଝଞ୍ଜ ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମ୍ କରିଛନ୍ତି । ଏହାଦ୍ୱାରା ସାରାଦେଶର ତଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରି କହିଥିଲେ ଯେ ରାଜ୍ୟର ସବୁ ତହସିଲରେ ସବ୍ ? ରେଜିଷ୍ଟ୍ରେସନ ଅଫିସ ଖୋଲାଯିବ । ବର୍ତ୍ତମାନ ରାଜ୍ୟର ୩୧୭ଟି ତହସିଲରୁ ୨୧୦ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ ରହିଛି । ଖୁବଶୀଘ୍ର ବାକି ୧୦୭ଟି ତହସିଲରେ ସବ୍ ? ରେଜିଷ୍ଟ୍ରେସନ୍ ଅଫିସ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ପ୍ରଥମ ପର୍ଯ୍ୟାୟରେ ନୂଆପଡାର ୩ଟି – ସିନାପାଲି, କୋମନା ଓ ବୋଡେନ୍ ଏବଂ ମାଲକାନଗିରିର ୪ଟି– ମାଥିଲି, କାଲିମେଲା, ଖଇରପୁଟ ଓ କୁଡୁମୁଲୁଗୁମା– ଏହିପରି ୭ଟି ତହସିଲରେ ସବ୍ ରେଜିଷ୍ଟେସନ୍ ଅଫିସ ଖୋଲାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟରେ ଦୀର୍ଘଦିନ ଧରି ବିଭିନ୍ନ ପଛୁଆ ଅଞ୍ଚଳ ଆଞ୍ଚଳିକ ବୈଶ୍ୟମତାର ଅଭିଯୋଗ କରିଆସୁଛନ୍ତି । ବିଶେଷକରି ଦୂରାନ୍ତ ଅଞ୍ଚଳରେ ରହୁଥିବା ଜିଲ୍ଲା ଗୁଡିକ ଅପେକ୍ଷାକୃତ ଭାବେ ଅବହେଳିତ ହେଉଥିଲା । କିନ୍ତୁ, ଆମ ସରକାର ସବୁ ଅଞ୍ଚଳକୁ ସମାନ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଅଧିକ ଅନୁଦାନ ସହିତ ସୁଦୃଢ କରାଯାଇଛି ଏବଂ ତା ସହିତ ଉତ୍ତର ଓ ଦକ୍ଷିଣ ଓଡିଶାର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ବିକାଶ ପରିଷଦ ଗଠନ କରିବାକୁ ପଦକ୍ଷେପ ନିଆଯାଇଛି । ରାଜ୍ୟର ଶିଳ୍ପ ବିକାଶରେ ମଧ୍ୟ ସବୁ ଅଞ୍ଚଳକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ଉଦ୍ୟମ ଅବ୍ୟାହତ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଥିଲେ ଯେ, ପୂର୍ବରୁ ପ୍ରିମାଟ୍ରିକ ସ୍କଲାରସିପର୍ ଛାତ୍ର ମାନଙ୍କୁ ୧୦,୫୦୦ ଟଙ୍କା ମିଳୁଥିବା ବେଳେ ଏବେ ୧୬,୦୦୦ ଟଙ୍କା ପ୍ରଦାନ କରାଯିବ । ସେହିପରି ଅନ୍‌ୱେଷା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପୂର୍ବରୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ଏଥିରେ ୧୭ ହଜାର ଟଙ୍କା ମିଳିବ । ସେହିପରି ପୋଷ୍ଟ ମାଟ୍ରିକ ସ୍କଲାରସିପ୍ ?ରେ ପୂର୍ବରୁ ଛାତ୍ର ମାନଙ୍କୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧୬ ହଜାର ଟଙ୍କା ମିଳିବ ଏବଂ ଛାତ୍ରୀ ମାନଙ୍କୁ ୧୭ ହଜାର ଟଙ୍କା ମିଳିବ ।ମୋଦୀଜୀଙ୍କ ନେତୃତ୍ୱରେ ଦେଶରେ ଏବେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ବିକାଶ ତ୍ୱରାନ୍ୱିତ ହୋଇଛି । ଓଡିଶାରେ ନୂଆ ସରକାର ଆସିବା ପରଠାରୁ କେନ୍ଦ୍ର ସରକାର ଓଡିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରେ ନୂଆପଡା ପାଇଁ ମଧ୍ୟ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ନୂଆପଡା ଜିଲ୍ଲାର ବିପୁଳ ସଫଳତାକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁଭଦ୍ରା ଯୋଜନାରେ ନୂଆପଡାର ୧ ଲକ୍ଷ ୫୫ ହଜାର ମହିଳା ଉପକୃତ ହୋଇଛନ୍ତି, ଅନ୍ତୋଦ୍ୟୟ ଗୃହ ଯୋଜନାରେ ନୂଆପଡାର ୨୫୪୮ ପରିବାରକୁ ଘର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ । ଏହା ସହିତ ନୂଆପଡା ଝସଭଶକ୍ଷର-ଟଶ୍ୱର ଚକ୍ଷବତ୍ସ୍ୱସମ ମୁକ୍ତ ଜିଲ୍ଲାଭାବେ ଘୋଷିତ ହେବା ସହ କନ୍ୟାଶିଶୁକୁ ପ୍ରାଧାନ୍ୟ ଦେଇ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି ଏବଂ ନବଜାତ ଶିଶୁକନ୍ୟା ଓ ସେମାନଙ୍କ ପିତା ମାତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି । ନୂଆପଡା ଜିଲ୍ଲା ମନରେଗା ଯୋଜନାରେ ଦୈନିକ ୬୦ ହଜାରରୁ ଅଧିକ ଶ୍ରମିକ ନିଯୋଜିତ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜନଶୁଣାଣି କାର୍ଯ୍ୟକ୍ରମକୁ ସଂପ୍ରସାରଣ କରାଯାଇ ଏହାକୁ ପଞ୍ଚାୟତ ସ୍ତରରେ ମଧ୍ୟ ଆୟୋଜିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜିଲ୍ଲାର ସଫଳତା ପାଇଁ ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ ।

# ୨୦୨୫ ନୋବେଲ ମେଡିସିନ ପୁରସ୍କାର

**ଷ୍ଟକହୋମ,୬।୧୦:** ୨୦୨୫ ବର୍ଷର ନୋବେଲ ଚିକିତ୍ସା ଓ ଶାରୀରିକ ବିଜ୍ଞାନ ପୁରସ୍କାର ବୈଜ୍ଞାନିକ ମେରୀ ବ୍ରଙ୍କ, ଫ୍ରେଡ ରାମସଡେଲ ଏବଂ ଶିମନ ସାକାଗୁଚିଙ୍କୁ "ପେରିଫେରାଲ ଇମ୍ୟୁନ ଟଲେରାନ୍ସ" ସମ୍ବନ୍ଧୀୟ ଆବିଷ୍କାର ପାଇଁ ପ୍ରଦାନ କରାଯାଇଛି। ସ୍ୱୀଡେନର କାରୋଲିନସ୍କା ଇନଷ୍ଟିଚ୍ୟୁଟ ନୋବେଲ ଆସେମ୍ବ୍ଲି ଏହି ପୁରସ୍କାର ଘୋଷଣା କରିଛି। ବିଜେତାମାନେ ୧୧ ମିଲିୟନ ସ୍ୱୀଡିଶ କ୍ରୋନ (୧.୨ ମିଲିୟନ ଡଲାର) ଓ ସ୍ୱର୍ଣ୍ଣପଦକ ପାଇବେ।ଏହି ଆବିଷ୍କାର ଏକ ନୂତନ ଗବେଷଣା କ୍ଷେତ୍ରର ମୂଳଦୁଆ ସ୍ଥାପନ କରିଛି ଏବଂ କର୍କଟ ଓ ଅଟୋଇମ୍ୟୁନ ରୋଗର ଚିକିତ୍ସା ପାଇଁ ନୂଆ ଉପାୟ ବାହାର କରିଛି। ନୋବେଲ ପୁରସ୍କାର, ଯାହା ୧୯୦୧ ମସିହାରୁ ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ଦିଆଯାଉଛି, ଚିକିତ୍ସା ପୁରସ୍କାର ସହ ପ୍ରତିବର୍ଷ ଆରମ୍ଭ ହୁଏ।

# ବଢିଲା ଇଣ୍ଟରନେଟ୍ କଟକଣା

**କଟକ,୬।୧୦(ମହାଭାରତ):** କଟକ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଅକ୍ଟୋବର ୭ ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଇଂଟରନେଟ୍ ସେବାକୁ ବନ୍ଦ କରାଯାଇଛି ବୋଲି ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ନିକଟରେ କଟକ ସହରରେ ଦେଖାଯାଇଥିବା ଗଣ୍ଡଗୋଳ ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ଅସାମାଜିକ ତତ୍ୱମାନଙ୍କୁ ନିୟନ୍ତ୍ରଣ କରିବା ନିମନ୍ତେ ଇଣ୍ଟରନେଟ୍ ସେବା ବନ୍ଦର ପଦକ୍ଷେପ ନିଆଯାଇଛି । କଟକ ମହାନଗର ନିଗମ ଅଂଚଳ, ସିଡ଼ିଏ ଅଂଚଳ ଓ ୪୨ ମଉଜା ଅଂଚଳରେ ଏହି ପ୍ରତିବନ୍ଧ ଲାଗୁ କରାଯାଇଛି।

ଅନ୍ୟପକ୍ଷରେ କଟକ ସହର ପରିସ୍ଥିତି ବୁଲି ଦେଖିଛନ୍ତି କେନ୍ଦ୍ରାଞ୍ଚଳ ଆରଡିସି। କଟକ ଗୋଷ୍ଠୀ ହିଂସା ଘଟଣାରେ ସାରା ରାଜ୍ୟରେ ହାଇ-ଆଲର୍ଟ ଜାରି ପରେ କେନ୍ଦ୍ରାଞ୍ଚଳ ଆରଡିସି କଟକ ଦରଘାବଜାରରେ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ତାଙ୍କ ସହିତ ପୁଲିସ କମିଶନର ମଧ୍ୟ ଉପସ୍ଥିତ ଥିଲେ। ରାତିରେ ସ୍ଥିତି ନିୟନ୍ତ୍ରଣ ରହିଲେ କର୍ଫ୍ୟୁ କୋହଳ ହୋଇପାରେ ବୋଲି ପୁଲିସ କମିଶନର ସୂଚନା ଦେଇଛନ୍ତି । ତେବେ ଗିରଫଙ୍କ ସଂଖ୍ୟା ବଢ଼ିବା ନେଇ ସୂଚନା ରହିଛି। ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ଲୋକେ ଯେମିତି ହଇରାଣ ନ ହୁଅନ୍ତି ସେଥିପାଇଁ ଗୁରୁତ୍ୱ ଦିଆଯିବ। ଲୋକଙ୍କ ପାଖରେ ସହଜରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପହଞ୍ଚି ପାରିବ ତାକୁ ନେଇ ପ୍ରୟାସ ଜାରି



ରହିଛି ।କଟକ ଗୋଷ୍ଠୀ ହିଂସା ଘଟଣା ପରେ ରାଜ୍ୟରେ ହାଇ-ଆଲର୍ଟ ଜାରି ହୋଇଛି। ପୁଲିସ ମୁଖ୍ୟାଳୟରୁ ସମସ୍ତ ଜିଲା ଏସ୍‌ପିଙ୍କୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ମିଳିବା ପରେ ସାରା ରାଜ୍ୟରେ ବ୍ଲକିଂ ଓ ଚେକିଂକୁ ଜୋରଦାର୍ କରାଯାଇଛି। ରାତି ତମାମ ପୁଲିସ ଗାଡ଼ିମୋଟର ଓ ପରିଚୟପତ୍ର ଯାଞ୍ଚ କରୁଛି। ଜିଲା ସୀମାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ସିଲ୍ କରାଯାଇଛି। ବିଶେଷକରି ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ଜଗତସିଂପୁର ଜିଲା ସୀମାରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। କଟକ ଓ ଭୁବନେଶ୍ୱରକୁ ଆସୁଥିବା ଲୋକଙ୍କୁ ପୁଲିସ ସନ୍ଦେହ ଘେରରେ ରଖିଛି। ଏପଟେ କଟକର ୧୩ ଥାନା ଅଞ୍ଚଳରେ କର୍ଫ୍ୟୁ ବଳବତ୍ତର ରହିଛି। ଘରୁ ନ ବାହାରିବା ଲାଗି ପୁଲିସ ସଚେତନ କରୁଛି। ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। କୌଣସି ଜରୁରୀ କାମରେ ଘରୁ ବାହାରିଲେ, ପୁଲିସ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି ଶାନ୍ତି ଫେରାଇ ଆଣିବା ଲାଗି ପୁଲିସ ଉଦ୍ୟମ ଜାରି ରଖିଛି। ହେଲେ ହାଇ ଆଲର୍ଟ ସମ୍ପର୍କରେ ପୁଲିସ ମୁଖ୍ୟାଳୟ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ଘଟଣାକୁ ଅତି ସମ୍ବେଦନଶୀଳ ଭାବେ ଗ୍ରହଣ କରି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।କଟକ ଘଟଣାରେ ଓଡ଼ିଶା ପୋଲିସ ପକ୍ଷରୁ ଆଡଭାଇଜରୀ ଜାରି ହୋଇଛି । ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି ଯେ, ସୋସିଆଲ ମିଡ଼ିଆରେ କୌଣସି ଖବର ପୋଷ୍ଟ କରିବା ପୂର୍ବରୁ ସତ୍ୟତା ଯାଂଚ କରନ୍ତୁ। ଏହା ସହ ମିଛ ଓ ଉତ୍ତେଜନାମୂଳକ ପୋଷ୍ଟ କରିବାରୁ ବିରତ ରହନ୍ତୁ। ଯେଉଁମାନେ ମିଥ୍ୟା କିମ୍ବା ଭ୍ରାନ୍ତି ସୂଚନା ପ୍ରଚାର ଓ ପ୍ରସାର କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୧୦ ଯାଏଁ ଝଡବର୍ଷା

**ଭୁବନେଶ୍ୱର,୬।୧୦:** ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଓଡିଶାରେ ୧୦ ଅକ୍ଟୋବର ପର୍ଯ୍ୟନ୍ତ ଝଡବର୍ଷା, ଘୂର୍ଣ୍ଣିଝଡ ଓ ହାଲୁକାରୁ ମଧ୍ୟମ ବର୍ଷା ଜାରି ରହିବ। ଉତ୍ତର ବିହାରରୁ ଝାଡଖଣ୍ଡ ଦେଇ ଉତ୍ତର ଓଡିଶା ପର୍ଯ୍ୟନ୍ତ ଥିବା ଟ୍ରଫ୍ ଲାଇନ ଏବେ କମ୍ ପ୍ରଭାବଶାଳୀ ହୋଇଛି ।ଆଇଏମ୍‌ଡି ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେଓଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲା ପାଇଁ ୬, ୭ ଓ ୮ ଅକ୍ଟୋବର ପାଇଁ 'ହଳଦିଆ ଚେତାବନୀ' ଜାରି କରିଛି। ଏହି ଜିଲାଗୁଡିକରେ ଝଡବର୍ଷା, ବିଜୁଳି ଓ ୩୦-୪୦ କିମି ବେଗରେ ଘୂର୍ଣ୍ଣିଝଡ ହେବାର ସମ୍ଭାବନା ରହିଛି। ୯ ଓ ୧୦ ଅକ୍ଟୋବରରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ସମାନ ପାଗ ହେବ।

# ବିଜେପି ନେତାଙ୍କୁ ଗୁଳିକରି ହତ୍ୟା

**ବ୍ରହ୍ମପୁର,୬।୧୦(ମହାଭାରତ):** ବ୍ରହ୍ମପୁର ସହରରେ ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଦୁଇ ଜଣ ଦୁର୍ବୃତ୍ତ ଗୁଳି ମାଡ଼ କରି ହତ୍ୟା କରିଛନ୍ତି। ତାଙ୍କ ଘର ଆଗରେ ଦୁଇ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ଅତର୍କିତ ଭାବେ ଗୁଳିମାଡ଼ କରି ସେଠାରୁ ଫେରାର ହୋଇଯାଇଛନ୍ତି। ଗୁଳିମାଡ଼ ପରେ ଶ୍ରୀ ପଣ୍ଡାଙ୍କୁ ତୁରନ୍ତ ସ୍ଥାନୀୟ ଏମ୍‌କେସିଜି ମେଡ଼ିକାଲ କଲେଜ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ସମେତ ବିଜେପିର ବହୁ କର୍ମକର୍ତ୍ତା ଘାଟଣା ସ୍ଥଳରେ ପହଂଚିଛନ୍ତି। ତାଙ୍କ ମୃତ୍ୟୁରେ ବ୍ରହ୍ମପୁରରେ ଶୋକର ଛାୟା ଖେଳିଯାଇଛି। ଘଟଣାସ୍ଥଳରେ ଗଞ୍ଜାମ ଏସ୍‌ପି ଓ ଦକ୍ଷିଣାଞ୍ଚଳ ଆଇଜି ପହଞ୍ଚିଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡା ଆଜି ରାତି ପ୍ରାୟ ୧୦ଟାରେ ବୈଦ୍ୟନାଥପୁର ଥାନା ଅଧୀନ ବ୍ରହ୍ମନଗରସ୍ଥିତ ନିଜ ଘର ପାଖରେ ଛିଡ଼ା ହୋଇଥିଲେ। ରାତି ପ୍ରାୟ ୧୦ଟା ବେଳେ ୨ ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ସହ ବଚସା କରିଥିଲେ। ପରେ ଗୋଡ଼ାଇ ଗୋଡ଼ାଇ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିମାଡ଼ର ଶିକାର ହେଲା ପରେ ପୀତବାସ ବେହୋସ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କର ଛାତିରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ଡାକ୍ତରଖାନା ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯନ୍ତ୍ରୀଙ୍କୁ ମାଡିବସିଲା ଭିଜିଲାନ୍ସ

**କୁନ୍ଦ୍ରା,୬।୧୦:** ମନରେଗା କାମରେ ବିଲ୍ କରିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ। କୋରାପୁଟ ଜିଲ୍ଲା କୁନ୍ଦ୍ରା ବ୍ଲକର ସହକାରୀ ଯନ୍ତ୍ରୀ ଲମ୍ବୋଧର ନାୟକ ମନରେଗା କାମର ବକେୟା ବିଲ ବାବଦକୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରିଛି ଜୟପୁର ଭିଜିଲାନସ୍ ଟିମ୍।

## ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



ଖବର

## ପ୍ରଥମ ଥର ପାଇଁ ରାମ୍ପ ଶୋ'ରେ ଏକାଠି ଚାଲିଲେ ଭାଇ-ଭଉଣୀ



ସାରା ଅଲ୍ଲୀ ଖାନ ଏବଂ ଇବ୍ରାହିମ୍ ଅଲ୍ଲୀ ଖାନ ବଲିଉଡର ଏକ ଲୋକପ୍ରିୟ ଭାଇ-ଭଉଣୀ ଯୋଡ଼ି । ସେମାନଙ୍କ ସମ୍ପର୍କକୁ ପ୍ରଶଂସକମାନେ ଖୁବ୍ ଭଲ ପାଇଥାଆନ୍ତି । ଏବେ ଦୁହେଁ ଡିଜାଇନର ଅଭିନବ ମିଶ୍ରାଙ୍କ ଶୋ'ଷ୍ଟପର୍ ଭାବରେ ରାମ୍ପରେ ନଜର ଆସିଛନ୍ତି । ଯେଉଁଥିରେ ସେମାନେ ପ୍ରଥମ ଥର ପାଇଁ ଏକାଠି ରାମ୍ପ କରିଥିବାର ଦେଖିବାକୁ ମିଳିଛି । ଯାହା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ବର୍ତ୍ତମାନ ଏହାର ଫଟୋ ଏବଂ ଭିଡିଓ ଭାଇରଲ ହେବାରେ ଲାଗିଛି ।ଏହି ଶୋ'ରେ ଇବ୍ରାହିମ୍ ଅଲି ଖାନଙ୍କୁ ଏକ କାତାନ୍ ସିଲ୍କରେ ତିଆରି ହୋଇଥିବା ରାଜକୀୟ ଶେରୱାନିରେ ନଜର ଆସିଥିବାବେଳେ ସାରା ଅଲୀ ଖାନଙ୍କୁ ଡିଜାଇନ ଲେହେଙ୍ଗାରେ ଦେଖିବାକୁ ମିଳିଥିଲା । ଏହାରି ମଧ୍ୟରେ ସାରା ତାଙ୍କ ସୋସିଆଲ ମିଡିଆରେ ସେୟାର କରିଛନ୍ତି ଯେ, ତାଙ୍କ ଭାଇ ତାଙ୍କୁ କିପରି ସମସ୍ତଙ୍କ ସାମ୍ନାରେ ତାଙ୍କ ଭଉଣୀଙ୍କୁ ଭଲ ପାଇଛନ୍ତି । ଯାହାକୁ ନେଇ ସେ କୁବ୍ ଖୁସି ହୋଇଛନ୍ତି । ଯାହା ତାଙ୍କ ପାଇଁ ଚି ସ୍ମରଣୀୟ ବୋଲି କହିଥିଲେ । ଏହା ସହିତ ତାଙ୍କ ଗେଟଅପକୁ ନେଇ ମଧ୍ୟ ସେ ମନ୍ତବ୍ୟ ଦେଇଛନ୍ତି ।ଅଭିନବଙ୍କ ଦ୍ୱାରା ର୍ନିମିତ ଏହି ସ୍‌ୱତନ୍ତ୍ର ହସ୍ତଶିଳ୍ପ ଦର୍ପଣ କାମ ତାଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରୁଥିଲା ବୋଲି ମଧ୍ୟ କହିଥିଲେ ।ଯଦି ସେମାନଙ୍କ କ୍ୟାରିୟର ଯାତ୍ରା କଥା କୁହାଯାଏ ତେବେ ସେମାନେ ତାଙ୍କ ବାପାଙ୍କୁ ଅନୁସରଣ କରି ଏହି କ୍ଷେତ୍ରକୁ ବାଛିଥିଲେ । ଏହି ସମୟରେ ଇବ୍ରାହିମ୍ ଏହି ବର୍ଷ ଦୁଇଟି ଓଟିଟି ରିଲିଜ୍: ନାଦାନିଆନ୍ ଏବଂ ସରଜମୀନ୍ ରେ ନଜର ଆସିଥିଲେ ।

## ଘରର ପାଣି ଟାଙ୍କି କେଉଁଠି ରହିବା ଉଚିତ



ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି ଫ ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ।

୧. ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ। ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ।

୨. ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ୍ୟ ନିର୍ମାଣ କରିପାରିବେ। ଏହାଦ୍ୱାରା ଶୁଭଫଳ ମିଳିଥାଏ। କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି । ବରୁଣ ଦେବତା ଜଳର ଦେବତା ଅଟନ୍ତି।

୩. ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଏହା ସହ ଦୁର୍ଘଟଣା ଘଟିଥାଏ।

୪. ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ। ଯଦି ଏହି ଦିଗରେ ପାଣି ଟାଙ୍କି ନିର୍ମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ। ପାଣି ଟାଙ୍କିରେ ପ୍ଲାଷ୍ଟିକ ଢାଙ୍କୁଣୀ ଲଗାନ୍ତୁ ନାହିଁ।

## ଓଠର କଳାପଣ ଦୂର କରିବାର ସହଜ ଉପାୟ



ପିଆଜର ରସ ସହ ଭିଟାମିନ-ଇ ମିଶାଇ ଏହାକୁ ରାତିରେ ଓଠରେ ଲଗାନ୍ତୁ। ସକାଳେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଓଠର କଳାପଣ ଦୂର ହୋଇଥାଏ। ପିଆଜର ରସକୁ ମୁହଁରେ ଲଗାଇଲେ ମୁହଁରେ ଥିବା କଳାଦାଗ ଦୂର ହୋଇଥାଏ। ୧ ଚାମଚ ପିଆଜ ରସ, ବେସନ ୧ ଚାମଚ , ଅଳ୍ପ କ୍ଷୀର ମିଶାଇ ଏହାକୁ ମୁହଁରେ ଲଗାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖନ୍ତୁ। ୧୫ ମିନିଟ ପରେ ଧୋଇ ଦିଅନ୍ତୁ। ଏପରି ସପ୍ତାହକୁ ୩ରୁ ୪ ଥର ଲଗାଇବା ଦ୍ୱାରା ମୁହଁ ଗୋରା ଓ ଉଜ୍ଜ୍ୱଳ ହୋଇଥାଏ। ତ୍ୱଚାର ଦାଗ ଦୂର କରେ -ବହୁ ପୁରୁଷ ଓ ମହିଳାଙ୍କ ମୁହଁରେ ବିଭିନ୍ନ ଦାଗ ଥାଏ। ନିୟମିତ ପିଆଜର ଚୋପାକୁ ବ୍ୟବହାର କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେଥିରେ ମହୁ ଓ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁର ସମସ୍ତ ଦାଗ ଦୂର ହୋଇଥାଏ। ପିଆଜର ଚୋପାକୁ ପାଣିରେ ପକାଇ ୮ ଘଣ୍ଟା ରଖି ଦିଅନ୍ତୁ। ଏହାପରେ ଏହାକୁ ସେବନ କରନ୍ତୁ। ଏପରି ପିଆଜ ଚୋପାର ସେବନ କରିବା ଦ୍ୱାରା କୋଲେଷ୍ଟେରୋଲ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ। ଚର୍ମକୁ ପରିଷ୍କାର କରିବା ତଥା ଉଜ୍ଜ୍ୱଳ କରିବା ପାଇଁ ଆମେ ପିଆଜକୁ ବ୍ୟବହାର କରି ପାରିବା। ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି-ଅକ୍ସିଡ଼ା□ ଥିବାରୁ ପିଆଜକୁ ପେଷ୍ଟ କରି ଏହାକୁ ମୁହଁରେ ଲଗାଇଲେ ମୁହଁର ଚମକ ବୃଦ୍ଧି ପାଇଥାଏ। ପିଆଜରେ ଭିଟାମିନ ଏ, ସି, ଇ ଥିବାରୁ ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଅତି ବାଇଗଣୀ ରଶ୍ମିକୁ ପ୍ରତିହତ କରିବା ସହ ଚର୍ମକୁ ବାହ୍ୟ ସଂକ୍ରମଣରୁ ରକ୍ଷା କରିବା ସହ ଉଜ୍ଜ୍ୱଳତା ପ୍ରଦାନ କରିଥାଏ।

## ବିଳମ୍ବିତ ରାତିରେ ଖାଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ





ଅନେକ ଲୋକେ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ରାତିରେ ଶୀଘ୍ର ଖାଇ ପାରନ୍ତି ନାହିଁ। ସେମାନଙ୍କୁ ବିଳମ୍ବିତ ରାତିରେ ଖାଦ୍ୟ ଖାଇବାକୁ ପଡିଥାଏ। ତେବେ ଡେରିରେ ରାତ୍ରୀ ଭୋଜନ କରିବା ଶରୀର ଓଜନ ବୃଦ୍ଧି କରିବା ସହିତ ହୃଦୟ ପାଇଁ ମଧ୍ୟ ବିପଦ ଡାକି ଆଣିପାରେ। ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଖରାପ ପ୍ରଭାବ ପଡିଥାଏ। ଲେଟ୍ ନାଇଟ୍ ଭୋଜନ କଲେ କ'ଣ ସବୁ ସମସ୍ୟା ଉପୁଜେ ଆସନ୍ତୁ ଜାଣିବା। ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ କମିବା ବଦଳରେ ବିବାକୁ ଲାଗିବ। ଓଜନ ବୃଦ୍ଧି ହେବା ଫରେ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ସେଥିପାଇଁ ରାତ୍ରୀ ଭୋଜନ ସବୁବେଳେ ଠିକ୍ ସମୟରେ ଖାଇବା ଉଚିତ ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଠିକ୍ ସମୟରେ ରାତ୍ରୀ ଭୋଜନ ଆରମ୍ଭ କରନ୍ତୁ। ବିଳମ୍ବିତ ରାତିରେ ଖାଇବା ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସାଂଘାତିକ ହୋଇପାରେ। ଅନେକ ଗବେଷଣା ଅନୁଯାୟୀ, ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିପାରେ। ଏହା ଆପଣଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି କ୍ଷମତାକୁ ପ୍ରଭାବିତ କରିଥାଏ। ଏଥିପାଇଁ ଡାକ୍ତରମାନେ ରାତି ୭ଟାରୁ ୯ଟା ଭିତରେ ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି। ଯଦି ଆପଣଙ୍କ ଲେଟ୍ ନାଇଟରେ ଖାଇବା ପରେ ତୁରନ୍ତ ଶୋଇବା ଅଭ୍ୟାସ ଅଛି ତେବେ ସାବଧାନ ହୋଇ ଯାଆନ୍ତୁ। ଏପରି କରିବା ଦ୍ୱାରା ଛାତିରେ ଯନ୍ତ୍ରଣା, ଅମ୍ଳପିତ ଏବଂ ପେଟ ଜନିତ ସମସ୍ୟା ଆଦି ଦେଖା ଦେଇପାରେ। ରାତିରେ ଜଙ୍କ ଫୁଡ୍ ଖାଇବା ଠାରୁ ଦୂରେଇ ରହିବା ଉଚିତ ଲେଟ୍ ନାଇଟରେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟା ସୃଷ୍ଟି ହୋଇପାରେ। ଏଥିପାଇଁ ଆପଣ ନିଜ ଦୈନନ୍ଦିନ ରାତ୍ରି ଭୋଜନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ। ଏଥିସହ ଆପଣ ଚାହିଁଲେ ଖାଇବା ପରେ ବାଦାମ କିମ୍ବା ଆପଲ ମଧ୍ୟ ଖାଇପାରିବେ।

## ଓଜନ କମାଇବାକୁ ଚାହୁଁଥିଲେ ଖା'ନ୍ତୁ ଡାଲି-ଭାତ

ଓଜନ କମାଇବା ଏବଂ ପତଳା ଦେଖାଯିବା ପାଇଁ ସମସ୍ତେ ଚାହାନ୍ତି। ଏଥିପାଇଁ କିଏ ଯୋଗ କରେ ତ ଆଉ କିଏ ଜିମ ଯାଏ। ସେହିପରି ପତଳା ହେବା ପାଇଁ ଅନେକ ଲୋକେ ଡାଏଟ ମଧ୍ୟ



ଫଲୋ କରନ୍ତି। ଖାଦ୍ୟ ଛାଡି କେବଳ ଗ୍ରୀନ ସାଲଡ ଏବଂ ଜୁସ୍ ପିଅନ୍ତି। କେବଳ ସେତିକି ନୁହେଁ ଅନେକ ଲୋକେ ଭାତ-ଡାଲି ବଦଳରେ ରୁଟି ଖାଇବା ଆରମ୍ଭ କରିଦିଅନ୍ତି। ଭାତ-ଡାଲି ଖାଇଲେ ଓଜନ ବଢ଼ିଯାଏ ବୋଲି ଲୋକେ ଭାବନ୍ତି, କିନ୍ତୁ ଏହା ଭୁଲ ଧାରଣା। ସଠିକ ଢ଼ଙ୍ଗରେ ଏବଂ ଠିକ ଉପାୟରେ ଭାତ ଡାଲି ଖାଇଲେ ଓଜନ କମିପାରିବ। ଏହାକୁ ଆପଣ ଚାହିଁଲେ ନିଜ ଡାଏଟରେ ମଧ୍ୟ ସାମିଲ କରିପାରିବେ। ତେବେ ଆସନ୍ତୁ ଜାଣିବା ଭାତ-ଡାଲିକୁ କିଭଳି ନିଜ ଡାଏଟ ସାମିଲ କଲେ ଓଜନ କମିବ।

- ଅଧିକାଂଶ ଲୋକ ଭାବନ୍ତି ଯଦି ସେମନେ ଭାତ-ଡାଲି ଖାଇବେ ତେବେ ସେମାନଙ୍କ ଓଜନ ବଢ଼ିଯିବ। ଏହା ଏକ ସାଧାରଣ ଖାଦ୍ୟ। ପ୍ରାୟ ସମସ୍ତଙ୍କ ଘରେ ଡାଲି-ଭାତ ତିଆରି ହୁଏ। ଏହାକୁ ଏକା ସହ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ହେବା ସହ ଏହା ଓଜନ କମାଇବାରେ ମଧ୍ୟ ସହାୟକ ହୋଇଥାଏ।

-ଡାଲିରେ ପ୍ରୋଟିନର ମାତ୍ରା ଭରପୁର ରହିଛି ଏବଂ ଚାଉଳରେ କାର୍ବୋହାଇଡ୍ରେଟ୍। ଯେତେବେଳେ ଡାଲି ଏବଂ ଭାତକୁ ଆପଣ ଏକା ସହ ଖାଇବେ, ସେତେବେଳେ ଆପଣଙ୍କ ଶରୀରକୁ କାର୍ବୋହାଇଡ୍ରେଟ୍ ସହ ଅନେକ ଆବଶ୍ୟକୀୟ ଭିଟାମିନ ମିଳିପାରିବ। ଡାଲି ଏବଂ ଭାତ ଶରୀରରେ ହଜମ ପ୍ରକ୍ରିୟାକୁ ଠିକ ରଖେ। ତେଣୁ ଏହାକୁ ଖାଇଲେ ଓଜନ ବଢ଼େନାହିଁ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି।

-ଡାଲି-ଭାତର କମ୍ବିନେସନ ଓଜନ କମାଇବାର ସବୁଠୁ ଭଲ ବିକଳ୍ପ। ଏଥିରେ ଥିବା ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟ ଦ୍ୱାରା ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇନଥାଏ। ଫଳରେ ଓଜନ କମାଇବାରେ ଏହା ସହାଯ୍ୟ କରିଥାଏ।

-ନିରାମିଶାଷି ବ୍ୟକ୍ତିଙ୍କ ପାଇଁ ପ୍ରୋଟିନର ସବୁଠୁ ଭଲ ମାଧ୍ୟମ ହେଉଛି ଡାଲି-ଭାତ।

## ରାଜସ୍ୱ ହାନି

ନୂତନ ବ୍ୟବସ୍ଥାରେ ଜିଏସଟି ସ୍ଲାବକୁ ଦୁଇଟିରେ ସୀମିତ ରଖାଯାଇଛି । ଗୋଟିଏ ୫ ପ୍ରତିଶତ ଏବଂ ଅନ୍ୟଟି ୧୮ ପ୍ରତିଶତ। ୯୯% ସାମଗ୍ରୀକୁ ୫% ସ୍ଲାବରେ ରଖାଯାଇଥିବା ବେଳେ ଅନେକ ସାମଗ୍ରୀକୁ ଜିଏସଟିରୁ ବାଦ ଦିଆଯାଇଛି। ଏହା ସ୍ୱାଗତ ଯୋଗ୍ୟ। ଏହା ଦ୍ୱାରା ଗରିବ ଓ ମଦ୍ୟବିତ୍ତ ବର୍ଗ ଲାଭବନା ହେବେ ବୋଲି କୁହାଯାଉଛି। କିନ୍ତୁ ବାସ୍ତବତା ହେଲା ଭିନ୍ନ। ଜିଏସଟି ହ୍ରାସ ସତ୍ତ୍ୱେ ସାଧାରଣ ଖାଉଟୀଙ୍କୁ ଏହାର ଫାଇଦା ମିଳିଲା ନାହିଁ। କିଛି ସାମଗ୍ରୀ ଉପରେ ଟିକସ କମିଛି ଏବଂ ଏହାର ବଜାର ଦର କମିଛି। କିନ୍ତୁ ଅନେକ ଉତ୍ପାଦନକାରୀ କମ୍ପାନୀ ଜିଏସଟି କମିବା ପୂର୍ବରୁ ନିଜ ଉତ୍ପାଦିତ ସାମଗ୍ରୀର ଏମଆରପି ବଢ଼ାଇ ଦେଇଛନ୍ତି। ଫଳରେ ଜିଏସଟି ହ୍ରାସ ପାଇଲେ ମଧ୍ୟ ଖାଉଟୀଙ୍କୁ ଏହା ଶସ୍ତାରେ ମିଳୁନି। ଏହାକୁ କହନ୍ତି ଖାଉଟୀ ମାରଣ ନୀତି। ସରକାର ଟିକସ କମାଇ କ୍ଷତି ସହିଲେ, କିନ୍ତୁ ଲୋକଙ୍କୁ ଏହାର ଫାଇଦା ମିଳିଲା ନାହିଁ। ଜିଏସଟି କମିବା ଫଳରେ  ଦେଶର ରାଜସ୍ୱ ସଂଗ୍ରହ ହ୍ରାସ ପାଇବ। କଂଗ୍ରେସ ଅଭିଯୋଗ କରିଛି ଯେ, ୮ ବର୍ଷ କାଳ ଲୋକଙ୍କୁ ଟିକସ ମାଧ୍ୟମରେ ଶୋଷଣ କରିବା ପରେ ଏବେ ଟିକସ ହ୍ରାସ କରି ସରକାର ବାହାବା ନେଉଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ୮ ବର୍ଷ ମଧ୍ୟରେ ଜିଏସଟି ପାଇଁ ଦେଶର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇଛି। ଜିଏସଟି ବାବଦ ଅର୍ଥ କେହି ନିଜ ପକେଟକୁ ନେଉନଥିଲେ। ବରଂ ଅନେକ ଜିଏସଟି ହ୍ରାସକୁ ବିରୋଧ କରୁଛନ୍ତି ଏବଂ ଜିଏସଟି ସରଳୀକରଣ କରିବା ଉଚିତ। ୧୦ଟଙ୍କାର ସାମଗ୍ରୀକୁ ୯ ଟଙ୍କାରେ ବିକ୍ରୀ କଲେ ଲୋକେ ବିଶେଷ ଉପକୃତ ହେବେନି। କିନ୍ତୁ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେବ। ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳୀରେ ସେ ଦେଶବାସୀଙ୍କୁ ଜିଏସଟି ହ୍ରାସର ଉପହାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷ କରି କାଦ୍ୟ ସାମଗ୍ରୀ ଉପରୁ ଜିଏସଟିକୁ ସମ୍ପୂର୍ଣ୍ଣ ଛାଡ଼ ବା ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ମଧ୍ୟରେ ରହିଛି ରୋଟି, ପରଟା, ୩୩ ପ୍ରକାର  ଜୀବନ ରକ୍ଷାକାରୀ ଔଷଧ , ଦୁଗ୍ଧଜାତ ସାମଗ୍ରୀ ଇତ୍ୟାଦି। ଅନେକ କୃଷି ଉପକରଣ ଉପରେ ମଧ୍ୟ ଜିଏସଟି ଛାଡ଼ କରାଯାଇଛି। ତେବେ କେତେକ ବିଳାସ ସାମଗ୍ରୀ, ତମାଖୁ ଏବଂ ବଡ଼ କାର ଉପରେ ୪୦% ଟିକସ ବସାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରୁ ଏହା ଲାଗୁ ହେବ। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ସାଧାରଣ ଲୋକଙ୍କ ଉପରୁ ଜିଏସଟି ବୋଝ ହାଲୁକା କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ଅନେକ ଦିନ ତଳୁ ଏହା କାର୍ଯ୍ୟକାରୀ ହେବାର ଥିଲା। ଏହା ଦ୍ୱାରା ସରକାରଙ୍କର ବାର୍ଷିକ ପ୍ରାୟ ୪୭ ହଜାର କୋଟି ଟଙ୍କାର ରାଜସ୍ୱ ହାନି ହେବ ବୋଲି ଆକଳନ କରାଯାଇଛି। ଏହା ଫଳରେ ରାଜ୍ୟମାନେ ମଦ୍ୟ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ଅନେକ ବିରୋଧୀ ଶାସିତ ରାଜ୍ୟମାନେ ଏହାକୁ ବିରୋଧ କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସେମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ଫଳରେ ଜିଏସଟି ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଏବେ ଦେଶରେ ମାସିକ ହାରାହାରି ୧ ଲକ୍ଷ ୮୪ ହଜାର କୋଟି ଟଙ୍କାର ଗ୍ରସ ଜିଏସଟି ସଂଗ୍ରହ ହେଉଛି। ସଂଶୋଧିତ ଜିଏସଟି ବ୍ୟବସ୍ଥା ଦ୍ୱାରା ଏହା ୧ ଲକ୍ଷ ୪୦ ହଜାର କୋଟି ଟଙ୍କାରେ ସୀମିତ ରହିବ ବୋଲି ଆକଳନ କରାଯାଉଛି। କିନ୍ତୁ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ଜିଏସଟି ହାର କମାଇବାକୁ ନିଷ୍ପତ୍ତି ନିଆଯାଇଥିବା ନିର୍ମଳା କହିଛନ୍ତି।

## ସହାସ୍ୟ ଜୀବନ

“

ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖା ଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି। ଏକବିଂଶ ଶତାବ୍ଦୀରେ, ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନ ଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ ଆମ ଦେଶକୁ ଦୌଡୁଛନ୍ତି।

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ବିରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା’ ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ି ଯାଏ ସହାସ୍ୟ ଜୀବନ ଯାପନ କଲେ। ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥି, ବନ୍ଧୁବାନ୍ଧବମାନେ ମଧ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ଜନ୍ମର ଧର୍ମ। ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହି ଦିନଠାରୁ ସେ ଖୁସିରେ ହିଁ ତା’ର ଦିନ ଅତିବାହିତ କରେ। ଯଦି ସେ କାନ୍ଦେ, ଯାହା ତା’ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ। ପିଲାକୁ ଭୋକ ହେଲାଣି, ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇତ୍ୟାଦି। କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା। କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ।

ମହାପୁରୁଷମାନେ, ଈଶ୍ୱରକୋଟୀ ପୁରୁଷମାନେ ଓ ଆଧାତ୍ମିକ ଗବେଷକମାନେ ତାଙ୍କ ଅଭିଜ୍ଞତା ଓ ଦୀର୍ଘ ଅନୁଭୂତିରୁ କହନ୍ତି, ବିରସ ଜୀବନର ପ୍ରମୁଖ କାରଣ ହେଉଛି, ଅତୃପ୍ତ କାମନା ବାସନା। ଆମ୍ଭେମାନେ ମଧ ସଂସାରରେ ଯେତିକି ବର୍ଷ ବିତାଇଲେଣି ନିରପେକ୍ଷ ଭାବେ ଦେଖିଲେ ଏଥିରେ ଏକମତ ହେବା। ଆମ୍ଭେମାନେ କାମନାବାସନା ଶୂନ୍ୟ ହୋଇପାରିବା ନାହିଁ। ଏହା ମଧ ଆମକୁ ଭଲ ଭାବେ ଜଣା ଯେ ଆମର ସମସ୍ତ କାମନା ବାସନା ପୂରଣ ହୋଇପାରିବ ନାହିଁ। ଆମେ ଚାହୁଁଥିବା ଅବଧି ଭିତରେ ପୂରଣ ହୋଇପାରିବ ନାହିଁ, ଆମ ଧନବଳ, ଜନବଳ, ବାହୁବଳ ବା ସାମାଜିକ ବଳ ଦ୍ୱାରା ପୂରଣ ହୋଇପାରିବ ନାହିଁ। ତେଣୁ ଯେତିକି ପୂରଣ ହେଲା ସେତିକିରେ ସନ୍ତୁଷ୍ଟ ହୋଇ ରହିବା ବା କାମନା ବାସନାର ସଂଖ୍ୟା କମାଇ ଦେବା ବିଜ୍ଞତାର ପରିଚୟ ହେବ। ଅପୂର୍ଣ୍ଣତାକୁ ନେଇ ଖୁସି ହେବା ପରିବର୍ତ୍ତେ ଯାହା ପାଇନେ ତାକୁ ଧରି ବସି ଦୁଃଖ କରିବା କି ବିଜ୍ଞତାର ପରିଚୟ?

ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହି ପାରିବ। ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ’ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖର ଦୁଃଖ କେତେ ପରିମାଣରେ ଲାଘବ ହେବ? ହେବ କେବଳ ନିଜ ମାନସିକତା ଦ୍ୱାରା। ରାଜସିକ ଭାବ ସମ୍ପନ୍ନ ବ୍ୟକ୍ତି କହିବେ, ‘ନେହିଁ ଛୋଡେଙ୍ଗେ, ପାକର ହିଁ ରହେଙ୍ଗେ’ ସେଥିପାଇଁ ଦୌଡ଼ିବେ, ନିଦ ହଜାଇ ଦେବେ, ପଇସା ଉଡାଇ ଦେବେ, ନେତାଙ୍କୁ ଧରାଧରି କରିବେ ତଥାପି ଯଦି ସଫଳ ନହୁଅନ୍ତି ତେବେ ମିତ୍ରଙ୍କୁ ଶତ୍ରୁ ଭାବିବେ। ଆମ ବିଫଳତାର କାରଣ ଯିଏ ବୋଲି ସେ ଭାବିବେ ତା ଉପରେ ରକ୍ତ ଚାଉଳ ଚୋବାଇବେ। ପରିଣତି ଖରାପରୁ ଅଧିକ ଖରାପ ଆଡ଼କୁ ଯିବ ସିନା, ଭଲଦିନ ଆସିବା ସୁଦୂର ପରାହତ ହୋଇଯିବ। ଯଦି ବି ଭଲଦିନ ଅର୍ଥାତ୍ ଆମ କାମନା ବାସନା ଚରିତାର୍ଥ ହୋଇଯିବ ତାହା ଭୋଗ କରିବାକୁ ଆମ ମନ, ଇନ୍ଦ୍ରିୟ ଓ ଦେହର ଅବସ୍ଥା ଆଉ ଉପଯୁକ୍ତ ହୋଇ ରହି ନଥିବ। ଭୋଗ୍ୟବସ୍ତୁ ଆଉ ସେତେ ଭୋଗ୍ୟ ଜଣାପଡ଼ିବ ନାହିଁ, ତାହା ମାଦକତା ହରାଇ ବସିଥିବ। ଯାହା ମିଳିବ ହରାଇବା ତୁଳନାରେ କାହିଁ କେତେ ପରିମାଣରେ କେତେ ବାଟରେ ଚାଲିଯାଇଥିବ।

ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖା ଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି। ଏକବିଂଶ ଶତାବ୍ଦୀରେ, ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନ ଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ ଆମ ଦେଶକୁ ଦୌଡୁଛନ୍ତି। ବହୁ ଅର୍ଥ ବ୍ୟୟ କରି, ବହୁ କଷ୍ଟ ସ୍ୱୀକାର କରି, ନିଜ ଦେଶରେ ବହୁ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି, ବହୁ ସମ୍ପତ୍ତି ଅନ୍ୟକୁ ହସ୍ତାନ୍ତର କରି ଭାରତକୁ ଆସି କ’ଣ ପାଇବେ, କ’ଣ ଏଠାରେ ଶିଖିବେ? ଯାହା ଶିଖିବେ ତା’ର ଉପଯୋଗ କଲେ ଟିକିଏ ହସି ପାରିବେ ମାତ୍ର। ଏଇ ଟିକିଏ ହସ ତାଙ୍କ ପାଇଁ କେତେ ମୂଲ୍ୟବାନ। କେବଳ ତାଙ୍କ ପାଇଁ ନୁହେଁ ଏହା ସମସ୍ତଙ୍କ ପାଇଁ ମୂଲ୍ୟବାନ। ଭାରତୀୟ ମାନଙ୍କ ରକ୍ତରେ ଆଧାତ୍ମିକତା ପ୍ରବାହିତ, ଭାରତୀୟମାନେ ପାନ କରୁଥିବା ଜଳରେ ଆଧାତ୍ମିକତା, ତାଙ୍କ ଶ୍ୱାସ ପ୍ରଶ୍ୱାସର ବାୟୁରେ ଆଧାତ୍ମିକତା, ତାଙ୍କ ଭାତ ପଖାଳରେ ଆଧାତ୍ମିକତା, ତାଙ୍କ ରାଖି ସୂତାରେ ଆଧାତ୍ମିକତା, ସେମାନେ ଚାଲୁଥିବା ମାଟିରେ ଆଧାତ୍ମିକତା, ସେମାନେ ଗାଉଥିବା ଗୀତରେ ଆଧାତ୍ମିକତା, ସେମାନଙ୍କ ପିତାମାତା ଠାକୁର ଠାକୁରାଣୀ, ସହୋଦର ସହୋଦରା ଠାକୁରଙ୍କ ପ୍ରତିରୂପ। ସେମାନଙ୍କ ବାସଗୃହ ଭଗବାନଙ୍କ ନିଳୟ। ସେଥିପାଇଁ ହସିବା ତାଙ୍କ ପାଇଁ ସହଜାତ ଓ ସହଜ। ଆଧାତ୍ମିକତାର ଯଦି କିଛି ମୂଲ୍ୟ ଥାଏ ହସର ମୂଲ୍ୟ ମଧ ସେତିକି। କାରଣ ଆଧାତ୍ମିକ ସାଧନା ସେତିକି ଗଭୀରତର ହେଲେ ଯାଇ ଜଣେ ମଧୁର ହସ ହସିପାରିବ। କୃତ୍ରିମ ହସ, ଅଭିନୟ ହସ, ଅଭିସନ୍ଧିମୂଳକ ହସ କ’ଣ ଆଧାତ୍ମିକ ହସ ସହ ତୁଳନା ହୋଇପାରିବ? କେବେହେଲେ ନୁହେଁ।

ଆଉ ଏକ ମାର୍ଗ ଅଛି ଅତି ସହଜ, ସାଧନା ସାପେକ୍ଷ ନୁହେଁ ତାହାପାଇଁ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ, କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଡିଗ୍ରୀ ହାସଲ କରିବାକୁ ପଡ଼ିବ ନାହିଁ, ଉଚ୍ଚ କୂଳରେ ଜନ୍ମ ହେବାକୁ ପଡ଼ିବ ନାହିଁ, ଦୀକ୍ଷା ନେବାକୁ ପଡ଼ିବ ନାହିଁ, ବ୍ରତ ପିନ୍ଧିବାକୁ ପଡ଼ିବ ନାହିଁ, ତାହା ହେଉଛି ନିରୋଳା ଭଲ ପାଇବା। ନିସର୍ତ୍ତ, ନିଃସ୍ୱାର୍ଥ, ନୀରଭିମାନ, ନରହଂକାର ପ୍ରେମଭାବ। କୌଣସି ପ୍ରତ୍ୟାଶା ନରଖି କେବଳ ଭଲ ପାଇବା, ଜୀବନ ପରିସର ଭିତରକୁ ଯିଏ ଆସିଲା ତାକୁ ଭଲ ପାଇବା, ଆମକୁ ହତାଦର କରୁଥିବା ଲୋକକୁ ମଧ ଭଲ ପାଇବା। ଅପମାନ ମଳିପାରେ, ପ୍ରତ୍ୟାଘାତ ମିଳିପାରେ, କେତେଜଣଙ୍କ ପାଖରେ ଠକାମୀରେ ପଡ଼ିଯାଇପାରୁ, ସେଠାରେ ସତର୍କ ହୋଇଯିବା ସିନା ତା’ପ୍ରତି ଘୃଣା ଭାବ ପୋଷଣ କରିବା ନାହିଁ। ସେ କରିଥିବା କର୍ମକୁ ଘୃଣା କରାଯାଉ, ଦେଖିବା ଯେମିତି ତାହା ଆମ ଦ୍ୱାରା ନ ହେଉ, ବ୍ୟକ୍ତିକୁ ଘୃଣା ନକରି ସତର୍କତା ଅବଲମ୍ବନ କରି ନେବାକୁ ହେବ। ଏହି ମାର୍ଗରେ ଚାଲୁ ଚାଲୁ କୌଣସି ଠାରେ ଠୋକର ଖାଇବାକୁ ପଡ଼ିପାରେ। ସେତେବେଳେ ଭାବିବେ ନାହିଁ ଯେ ମୋ ଖୁସି ଭାବ ଯୋଗୁଁ ମୁଁ ଠୋକର ଖାଇଲି। ଅପର ପକ୍ଷର ଠୋକର ଦେବା ଗୁଣ ଯୋଗୁଁ ସେ ଠୋକର ଦେବାକୁ ସୁଯୋଗ ପାଇଲା। ନିଜ ପ୍ରେମଭାବ ଅତୁଟ ରଖିବାକୁ ହେବ। ଆମେ ତ କାହା ଦେହକୁ ପ୍ରେମ କରୁନେ, କାହାଧନକୁ ପ୍ରେମ କରୁନେ, କାହା ସୌନ୍ଦର୍ଯ୍ୟକୁ ପ୍ରେମ କରୁନେ, ଜଣଙ୍କର ଦେହ, ମନ ବୁଦ୍ଧି, ବିଚକ୍ଷଣତା, ପାରଦର୍ଶିତା ପ୍ରଭୃତି ଯାହାଦ୍ୱାରା ଚଳତ୍‌ଶକ୍ତି ପ୍ରାପ୍ତ ହୋଇଛି ସେହି ଅଦୃଶ୍ୟ ଆତ୍ମାକୁ ପ୍ରେମ କରୁଛୁ। ସେହି ଆତ୍ମା ହିଁ ପ୍ରେମ୍ୟ। ଈଶ୍ୱର ବିଶ୍ୱାସୀମାନେ କହନ୍ତି ଜୀବନରେ ଯାହା ଘଟୁଛି ତାହା ସବୁ ସେହି ଈଶ୍ୱରଙ୍କ ଦ୍ୱାରା ହିଁ ହେଉଛି। ତେଣୁ ଯେଉଁ ପ୍ରତିକୂଳ ପରିସ୍ଥିତିମାନ ଆସିଛି ତାହା ମଧ ସେହି ଈଶ୍ୱରଙ୍କ ଉପହାର ଆମ ପ୍ରତି। ପ୍ରତିକୂଳ ପରିସ୍ଥିତିରେ ଭଲ ଭଲ ଜ୍ଞାନ ଉଦୟ ହୁଏ। ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାର ବୁଦ୍ଧି ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବା ପାଇଁ ପ୍ରାର୍ଥନାକୁ ବଳବତ୍ତର କରିବାର ଇଛା ଦୃଢ଼ରୁ ଦୃଢ଼ତର ହୋଇଥାଏ। ଭଗବାନଙ୍କ ଇଛାରେ ମିଳୁଥିବା ସବୁକିଛିକୁ ଭଲ ବୋଲି କହିବା ହିଁ ଭକ୍ତି। ଈଶ୍ୱରଙ୍କ କୌଣସି ଉପହାରକୁ ନିନ୍ଦା କରି କେହି କେବେ ତାଙ୍କ ପ୍ରିୟ ହେଲାଣି? ତାଙ୍କ ପ୍ରିୟ ହେବା ନ ହେବା ସବୁ କିଛି ମଣିଷ ହାତରେ ହିଁ ଅଛି। ତେଣୁ ଗୀତା କହେ ‘ସନ୍ତୁଷ୍ଟ ସତତଂ ଯୋଗୀ’ ସର୍ବଦା ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ତେବେ ଯାଇ ଜଣେ ସର୍ବଦା ହସିପାରିବ।

ଅଲିଶା ବଜାର, କଟକ
ଦୂରଭାଷ : ୯୩୩୭୨୪୨୯୫୫

## ନିରାପଦ ଓ ବୈଧ ଗର୍ଭପାତ

॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥

ଯେଉଁ ଏକଲା ରହୁଥିବା ଓ ଅବିବାହିତା ମହିଳାମାନଙ୍କର ଗର୍ଭ ଧାରଣ ୨୦ରୁ ୨୪ ସପ୍ତାହ ମଧ୍ୟରେ ରହିଛି, ସେମାନେ ସପ୍ତାହକ ଭିତରେ ନିରାପଦ ଓ ଆଇନଗତ ଗର୍ଭପାତ କରିପାରିବେ ବୋଲି ଅନୁମତି ଦେଇ ସୁପ୍ରିମକୋର୍ଟ ମହିଳାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଶୁଣାଇଛନ୍ତି। ଜଷ୍ଟିସ ଡି.ଓ୍ୱାଇ.ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଓ ତାଙ୍କର ଏକ ବେଞ୍ଚ ୧୯୭୧ରୁ ପ୍ରଣୀତ ଗର୍ଭନଷ୍ଟ ଆଇନାରେ ଗର୍ଭପାତ ଚାହୁଁଥିବା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧ୍ୟରେ ରହିଥିବା ଅସତ୍ୟ ପାର୍ଥକ୍ୟକୁ ହଟାଇ ଦେଇଛନ୍ତି। ୫୧ ବର୍ଷର ଉପରୋକ୍ତ ଆଇନରେ ଅବିବାହିତା ମହିଳାମାନେ ଆଇନଗତ ପଦ୍ଧତିରେ ୨୪ ସପ୍ତାହର ଗର୍ଭଧାରଣକୁ ବି ଗର୍ଭପାତ ଜରିଆରେ ଭାଙ୍ଗିବା ପାଇଁ ଅନୁମତି ନଥିଲା। ତଦ୍ୱାରା ଉକ୍ତ ଆଇନ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଲାଗି ଏକ ଅବାସ୍ତବ ତଥା ନିଷ୍ପା ଦୋହରା ବ୍ୟବସ୍ଥା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା। ଦୁର୍ଭାଗ୍ୟର ବିଷୟ ଯେ, ଆମର ସାମାଜିକ ବ୍ୟବସ୍ଥାରେ ରହି ଆସିଥିବା ପୁରୁଣାକାଳିଆ ଚିନ୍ତାଧାରା ଯେ କେବଳ ବିବାହ ପରେ ହିଁ ଗର୍ଭଧାରଣ ସମ୍ଭବ ତାକୁ ଏହାଦ୍ୱାରା ଆଇନଗତ ମୋହର ଦିଆଯାଇଥିଲା। ସମୟ ବଦଳିବା ସାଙ୍ଗକୁ ମହିଳାଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଚଳି ଆସିଥିବା ଦୃଷ୍ଟିଭଙ୍ଗୀକୁ ବଦଳାଇ ସାରିଲାଣି। ସେ ଯାହା ହେଉ ପରିଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗ ବାସ୍ତବବାଦୀ ଅଭାମୁଖ୍ୟ ନେଇଛନ୍ତି।

୧୯୭୧ରେ ଉପରୋକ୍ତ ଆଇନ ଏକଲା ବା ଅବିବାହିତା ଗର୍ଭବତୀ ମହିଳାଙ୍କର ବାଧ୍ୟତାମୂଳକ ଗର୍ଭପାତ ବିରୋଧରେ ଯାଉଥିଲା। ଏଣୁ ସେମାନେ ବେଆଇନ ଭାବରେ ଲୁଚାଇ ଗର୍ଭପାତ କରୁଥିଲେ ଯାହା ନିରାପଦ ନଥିଲା। ତଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିଲା। ବେଆଇନ ଗର୍ଭପାତକୁ ନେଇ ଅନେକ ଡାକ୍ତର, ଘରୋଇ କ୍ଲିନିକ ଓ ସ୍ୱାସ୍ଥ୍ୟକର୍ମୀ ଅଧିକ ଅର୍ଥ ରୋଜଗାର କରୁଥିଲେ। କାରଣ ଅବିବାହିତା ଯୁବତୀ ବା ଏକଲା ରହୁଥିବା ମହିଳା ଗର୍ଭପାତ କରାଇଲେ ବଦନାମର ଆଶଙ୍କା ବଢ଼ିଥାଏ। ଭାରତୀୟ ସମାଜରେ ଏହା ଏକ ବଡ଼ ସମସ୍ୟା। ମହିଳାଙ୍କର ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅପ୍ରିୟ ସତ କଥା ହେଲା ଏକଲା ଓ ଅବିବାହିତା ମହିଳା ଅନେକ ସମୟରେ କମ ବୟସରେ ଗର୍ଭଧାରଣ କରିଥାନ୍ତି। ଯାହା ପୁରୁଷବନ୍ଧୁଙ୍କ ସହ ସମ୍ପର୍କ ଯୋଗୁଁ ଇଛା ବିରୋଧରେ ମଧ ହୋଇଥାଏ। ସେମାନଙ୍କ ପାଇଁ ଆଇନଗତ ନିରାପଦ ଗର୍ଭପାତ ବ୍ୟବସ୍ଥା ଆବଶ୍ୟକ। ନଚେତ ପରବର୍ତ୍ତୀ କାଳରେ ଏହି ମହିଳାମାନେ କେବଳ ଯେ ସ୍ୱାସ୍ଥ୍ୟ ସମସ୍ୟା ଭୋଗିବେ ତାହା ନୁହେଁ ଅନ୍ୟାନ୍ୟ ଅପ୍ରୀତିକର ପରିସ୍ଥିତି ମଧ ସୃଷ୍ଟି ହୋଇପାରେ। ଏବେ ସେମାନେ ବୈଧ ଗର୍ଭପାତର ସ୍ୱାଧୀନତା ସୁପ୍ରିମକୋର୍ଟଙ୍କ ଦ୍ୱାରା ପାଇଛନ୍ତି। କିନ୍ତୁ ତାର ଅର୍ଥ ନୁହେଁ ଯେ ତଳସ୍ତରରେ ପରିସ୍ଥିତି ସେମାନଙ୍କ ପାଇଁ ହଠାତ ଅନୁକୂଳ ହୋଇଯିବ। ପ୍ରଜନନ ସ୍ୱାସ୍ଥ୍ୟସେବା ଉଦ୍ୟୋଗ ବିଶେଷ ଭାବରେ ଗର୍ଭପାତ କ୍ଲିନିକ ଗୁଡ଼ିକରେ କାମ କରୁଥିବା ମେଡ଼ିକାଲ ଷ୍ଟାଫ ଯଥା ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସମ୍ପର୍କରେ ସଚେତନ ହେବା ଦରକାର। ଆଇନ ଅନୁସାରେ ବିବାହ ଓ ଗର୍ଭଧାରଣ ମଧ୍ୟରେ ଆଉ କୌଣସି ସମ୍ପର୍କ ନାହିଁ ବୋଲି ସେମାନେ ସମସ୍ତେ ବୁଝି ତଦନୁସାରେ ଗର୍ଭପାତ ଲାଗି ଆସୁଥିବା ମହିଳା ମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆବଶ୍ୟକ। ଜଷ୍ଟିସ ଚନ୍ଦ୍ରଚୂଡ଼ ରାୟରେ ସମ୍ବିଧାନର ୨୧ ଓ ୧୪ ଧାରାକୁ ଉଲ୍ଲେଖ କରିଥିବାରୁ ପ୍ରଜନନ ସ୍ୱାଧୀନତାର ବିଚାରଧାରା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିରେ ପ୍ରକଟିତ ହୋଇଛି। ଏହାକୁ ଭାରତ ପରି ବିକାଶଶୀଳ ଦେଶରୁ ସମୃଦ୍ଧ ବିଶ୍ୱର ଶ୍ରେଷ୍ଠ ପ୍ରତିନିଧି ଆମେରିକା ଶିକ୍ଷଣୀୟ ସନ୍ଦେଶ ଭାବେ ନେବା କଥା। କାରଣ ଗତ ଜୁନ ମାସରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ସେଠାକାର ମହିଳାଙ୍କର ଗର୍ଭପାତ ଅଧିକାର ଓ ସ୍ୱାଧୀନତାକୁ ନେଇଯାଇଛନ୍ତି। ଯଦିଓ ଆମେରିକାରେ ୧୯୭୩ରେ ସେଠାରେ ଯୁଗାନ୍ତକାରୀ ରୋ ବନାମ ଓ୍ୱେଡ଼ରାୟରେ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଥିଲା କିନ୍ତୁ ଏବେ ଉକ୍ତ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସେହି ପ୍ରଗତିଶୀଳ ରାୟକୁ ଅସିଦ୍ଧ କରିଦେଇଛନ୍ତି। ତଦ୍ୱାରା ଆମେରିକୀୟ ମହିଳାମାନେ ସେମାନଙ୍କ ଗର୍ଭଧାରଣକୁ ରଖିବେ ନା ଭାଙ୍ଗି ଦେବେ ସେହି ସ୍ୱାଧୀନତା ସେମାନେ ହରାଇଛନ୍ତି। ୧୯୭୦ ଦଶକରେ ବିଶ୍ୱବ୍ୟାପୀ ନାରୀ ଆନ୍ଦୋଳନ ସହ ଗଢ଼ି ଉଠିଥିଲା ଯେଉଁଥିରେ ମହିଳାମାନେ ନିଜ ଶରୀର ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଦାବି କରିଥିଲେ। ଭାରତୀୟ ନ୍ୟାୟପାଳିକା ଏହି ସ୍ୱାଧୀନତାକୁ ସମ୍ପ୍ରସାରିତ କରିଥିବାବେଳେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ସେ କ୍ଷେତ୍ରରେ ପଛକୁ ଚାଲିଯାଇଛି। ଭାରତରେ ପ୍ରକୃତରେ ୧୯୭୧ରୁ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଛି। ତଦନୁସାରେ ସବୁ ମହିଳା ରେଜିଷ୍ଟ୍ରିଭୁକ୍ତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଗର୍ଭଧାରଣର ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରିପାରିବା କଥା। ଗତବର୍ଷ ଆଇନର ସଂଶୋଧନ କରାଯାଇ ଏହି ସମୟ ସୀମାକୁ ୨୪ ସପ୍ତାହ ବଢ଼ାଯାଇଥିଲା। କିନ୍ତୁ ଏହା କେବଳ ବିବାହିତା ମହିଳା ଛାଡ଼ପତ୍ର ପାଇଥିବା ନାରୀ, ବିଧବା, ନାବାଳିକା, ଅକର୍ମଣ୍ୟ ଓ ମାନସିକ ଅସୁସ୍ଥ ମହିଳା, ଯେଉଁମାନଙ୍କର ଭ୍ରୁଣରେ ଗୁରୁତର ଅନିୟମିତତା ରହିଛି ଏବଂ ଯେଉଁମାନେ ଯୌନ ଆକ୍ରମଣ ଓ ଦୁଷ୍କର୍ମରୁ ଗର୍ଭବତୀ ହୋଇଛନ୍ତି ଯେ, ଯେଉଁ ଅବିବାହିତା ମହିଳା ସ୍ୱେଚ୍ଛାରେ କାହା ସହ ସମ୍ପର୍କ ରଖିଥିଲେ ସେ ମଧ ପ୍ରଜନନ ସ୍ୱାଧୀନତାର ଅଧିକାର ପାଇବାକୁ ହକଦାର। ଦାମ୍ପତ୍ୟ ଦୁଷ୍କର୍ମକୁ ନେଇ ବିବାଦ ଉଠିଥିଲେ ମଧ ଏଯାଏ ତାକୁ ଦେଶରେ ଅପରାଧ ବୋଲି ଧରାଯାଇନାହିଁ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏବେକାର ନ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଗର୍ଭପାତ ଆଇନ ଅଧିନରେ ଦୁଷ୍କର୍ମର ସଂଜ୍ଞାରେ ଦାମ୍ପତ୍ୟ ଦର୍ଶନକୁ ବି ଅନ୍ତର୍ଭୁକ୍ତ କରାଯିବା ଉଚିତ। ଦୁଷ୍କର୍ମରୁ ବଞ୍ଚିଥିବା ମହିଳାଙ୍କ ପରି ଯେଉଁ ନାରୀମାନେ ନିଜ ଇଛା ବିରୋଧରେ ସ୍ୱାମୀଙ୍କ ଠାରୁ ଗର୍ଭଧାରଣ କରିଛନ୍ତି ସେମାନେ ମଧ ଯୌନ ପୀଡ଼ିତାଙ୍କ ଶ୍ରେଣୀରେ ସାମିଲ ହେବାକଥା ବୋଲି କୋର୍ଟ କହିଛନ୍ତି। ସମଗ୍ର ରାୟଟି ସ୍ୱାଗତଯୋଗ୍ୟ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬,

## ପିଲାଙ୍କୁ ନଷ୍ଟ କରୁଛି ମୋବାଇଲ

॥ ଇଂ. ପ୍ରକାଶ ଚନ୍ଦ୍ର ଭୂୟାଁ ॥

ମୋବାଇଲ ଜ୍ଞାନର ଗନ୍ତାଘର ପାଲଟିଥିବାବେଳେ ଏହି ମୋବାଇଲ ଏବେ କିଛି କ୍ଷେତ୍ରରେ ବିନାଶର କାରଣ ପାଲଟିଲାଣି। କେଉଁଠି ମୋବାଇଲ ପାଇଁ ଏ ଜୀବନ ହାରିଲାଣି ତ କେଉଁଠି ମୋବାଇଲ ପାଇଁ ନିଜ କର୍ମକ୍ଷେତ୍ରରେ ଜଞ୍ଜାଳ ବଢ଼ିଗଲାଣି। ବିଶେଷକରି ପିଲାମାନଙ୍କ ମୋବାଇଲ ବ୍ୟବହାର କ୍ଷେତ୍ରରେ ସୀମା ଲଂଘୁଥିବାରୁ ଏହା ବଡ଼ ଜଟିଳତମ ଓ ଉତ୍କଟ ଘଟଣା ସଂଗଠିତ କଲାଣି। ଏମିତି ଏକ ସମୟ ଆସିଛି ମୋବାଇଲ ବିନା ବଞ୍ଚିବା ମୁସ୍କିଲ ହୋଇପଡ଼ିଛି। ସ୍ମାର୍ଟଫୋନ ନଥିଲେ ଅନେକ ଜାଗାରେ ଆପଣଙ୍କ କାମ ଅଟକି ଯିବାର ସମ୍ଭାବନା ରହିଛି। ଅନେକ ସମୟରେ ଗାଁର ଗରିବ ନିରକ୍ଷର ଲୋକଙ୍କୁ ମଧ ଇ-ମେଲ ଆଇଡି ଦେବାକୁ କୁହାଯାଉଛି କୌଣସି ଅନଲାଇନ ଆବେଦନ କଲାବେଳେ। ଇ-ମେଲ ଆଇଡି ନ ଦେଲେ କମ୍ପ୍ୟୁଟର ଗ୍ରହଣ କରୁନି ଆବେଦନ। ଗରିବ ଲୋକଟିଏ ଓଳିଏ ଖାଇ ଓଳିଏ ଉପାସ ରହିଲେ ମଧ ତା ପାଖରେ ସ୍ମାର୍ଟଫୋନ ରହିବା ନିହାତି ଦରକାର ଏକଥା ସରକାର କେମିତି ଭାବୁଛନ୍ତି ସେଇଟା ହିଁ ବିଡ଼ମ୍ବନା। ଆମ ସରକାର ହିଁ ଲୋକଙ୍କୁ ମୋବାଇଲ ନିଶାରେ ପକାଇଛନ୍ତି। ସେଇ ମୋବାଇଲରେ କ୍ୟାସଲେସ ନେଣଦେଣ ହୋଇପାରୁଛି। ସାଇବର ଲୁଟେରାମାନେ ଟଙ୍କା ଲୁଟି ନେଲେ ଶୁଣିବାକୁ କେହି ନାହାନ୍ତି। ଆଗକୁ ମୋବାଇଲର ଅଭ୍ୟାସ ଛଡ଼ାଇବା ପାଇଁ ହୁଏତ ଯୋଜନା ମଧ ହୋଇପାରେ। ଯେମିତି ମଦ ନିଶା ଛଡ଼ାଇବା ପାଇଁ ଯୋଜନା କରାଯାଉଛି।

ପିଲାଙ୍କୁ ନଷ୍ଟ କରୁଛି ମୋବାଇଲ। ପାଠ ଆରମ୍ଭ କରିବା ପାଇଁ ଆଗରୁ ସିଲଟ-ଖଡ଼ି ଦରକାର ହେଉଥିଲା ଏବେ ମୋବାଇଲ ଦରକାର ହେଉଛି। ସେ ପୁଣି ଏମିତି ସେମିତି ମୋବାଇଲ ନୁହେଁ, ସ୍ମାର୍ଟଫୋନ ହେବା ଦରକାର। ନର୍ସରୀ ପିଲାଙ୍କର ମଧ ଅନଲାଇନ କ୍ଲାସ ହେଉଛି। କୋଳର ଛୁଆ ମୋବାଇଲ ନଦେଖିଲେ ଖାଉନି। ଆଗରୁ ଜହ୍ନ ଦେଖାଇ ମା’ମାନ ଖୁଆଉଥିଲେ ପିଲାଙ୍କୁ। ଆଜିର ମମିମାନେ ସ୍ମାର୍ଟଫୋନ ଦେଖାଇ ସେମାନଙ୍କୁ ଖୁଆଉଛନ୍ତି।

ଜନ୍ମ ହେଉ ହେଉ ଏବେ ପିଲାଏ ସ୍ମାର୍ଟଫୋନର ନିଶାରେ ପଡ଼ିଯାଉଛନ୍ତି। ଏଥିରୁ ନିସ୍ତାର ମିଳିବ କେମିତି? ଦିନେ ଏ ନିଶା ପାଇଁ ବିଭିନ୍ନ ଶାରୀରିକ ସମସ୍ୟା ଯେ ନ ଉପୁଜିବ ଏକଥା କହିହେବନି। ଅତ୍ୟଧିକ ମୋବାଇଲ ବ୍ୟବହାର ଫଳରେ ଆଖି ଏବଂ କାନ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ନିକଟରେ ପ୍ରକାଶିତ ମୋବାଇଲ ନିଶା ସମ୍ପର୍କିତ ଏକ ଖବର ଅନେକଙ୍କ ବାପା ମାଆଙ୍କୁ ବିଚଳିତ କରିଥିବ। ମୋବାଇଲ ପାଇଁ ବାଲେଶ୍ୱର ଏବଂ ଖୋର୍ଦ୍ଧାରେ ଦୁଇଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏ ଖବର ପଢ଼ି ଅନ୍ୟ ବାପାମାଆମାନେ ଚିନ୍ତାରେ ପଡ଼ିଛନ୍ତି। ଖବର ଦୁଇଟି ଏଇଭଳି ଭାଗ୍ୟଶ୍ରୀ ବାଲେଶ୍ୱର ଅନନ୍ତପୁର ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ପାଠ ନପଢ଼ି ମୋବାଇଲ ଦେଖୁଥିଲା। ମୁଣ୍ଡ ଉପରେ ମାଟ୍ରିକ ବୋର୍ଡ଼ ପରୀକ୍ଷା ଥିବାରୁ ମା’ଆକଟ କରିବା ସହିତ ଗାଳି କରିଥିଲେ। ଏତିକିରେ ଭାଗ୍ୟଶ୍ରୀ ନିଜ ଶୋଇବା ଘରେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଥିଲେ। ଅନ୍ୟ ଘଟଣାଟି ଖୋର୍ଦ୍ଧା ସେଭେନଥ ଡେ’ ଆଡ଼ଭେନଟିସ ମିସନାରୀ ବିଦ୍ୟାଳୟର ଅନ୍ତେବାସୀ ଦଶମ ଶ୍ରେଣୀ ଛାତ୍ର ପବିଲାସି ହଷ୍ଟେଲରେ ମୋବାଇଲର ମନାଥିବା ସତ୍ତ୍ୱେ ପାଖରେ ମୋବାଇଲ ରଖିଥିବାରୁ ଛାତ୍ରାବାସ ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ ଠାରୁ ମୋବାଇଲ ଛଡ଼ାଇନେବା ପରେ ଛାତ୍ର ଜଣଙ୍କ ଆତ୍ମହତ୍ୟା କରିଥିଲେ। ପରଦିନ ସକାଳେ ପବିଲାସଙ୍କ ମୃତ ଦେହ ଛାତ୍ରାବାସ ସମ୍ମୁଖ ଆମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସ୍ମାର୍ଟଫୋନ ଅଧିକାଂଶ ସମୟରେ କଅଁଳ ବୟସର ପିଲାମାନଙ୍କୁ ବିପଥଗାମୀ କରାଉଛି। ଅନେକ ଆପତ୍ତିଜନକ ତଥ୍ୟ ଏବଂ ଭିଡ଼ିଓ ମଧ ସେମାନେ ଦେଖୁଛନ୍ତି। ଅପରାଧିକ ଚିତ୍ର ଦେଖି ଦେଖି ଅନେକ ସମୟରେ ସେମାନେ ଅପରାଧପ୍ରବଣ ହୋଉଥିବାର ଖବର ମଧ ପ୍ରକାଶ ପାଉଛି। ଅଶ୍ଳୀଳ ଭିଡ଼ିଓ ଦେଖି ନାବାଳକଙ୍କ ପାଖରେ ମଧ ଯୌନ ବିକୃତ ମାନସିକତା ସୃଷ୍ଟି ହେଉଛି। ଫଳରେ କମ ବୟସର ପିଲାଏ ମଧ ଅପରାଧିକ ଘଟଣା ଘଟାଉଛନ୍ତି। ତେଣୁ ମୋବାଇଲ ଠାରୁ ପିଲାଙ୍କୁ କିଭଳି ଦୂରେଇ ରଖାଯାଇପାରିବ ସେ ଦିଗରେ ଚିନ୍ତା କରିବାର ସମୟ ଆସିଛି।

ଟାଟାଷ୍ଟିଲ, ମେରାମୁଣ୍ଡଳୀ, ଢ଼େଙ୍କାନାଳ
ଦୂରଭାଷ : ୭୯୭୮୯୨୭୭୬୫

**ଭିଆଇପି ଗାଡିକୁ ଛାଡ଼; ସାଧାରଣ ଜନତା, ସାମ୍ବାଦିକଙ୍କ ଗାଡିକୁ ଧର !**

କେନ୍ଦ୍ରାପଡ଼ା, (ମହାଭାରତ): କେନ୍ଦ୍ରାପଡ଼ାରେ ଆରମ୍ଭ ହୋଇଛି ଗଣପର୍ବ ଗଜଲକ୍ଷ୍ମୀ ପୂଜା, ନାହିଁ ନଥିବା ଭିଡ଼ । ସବୁଆଡେ ସୁରକ୍ଷା ଦୃଷ୍ଟି ସୁରକ୍ଷା ପାଇଁ କେନ୍ଦ୍ରାପଡ଼ା ପୋଲିସର କଡା ପହରା। ଭିଡ଼ ଥିବା ସ୍ଥାନରେ ଲକ୍ଷ୍ମୀଙ୍କ ମେଢ଼ ଆଗରେ ଛିଡା ହେଇରହୁଛି ଭିଆଇପିଙ୍କ ଗାଡି । ଗାଡିରୁ ନ ଓହ୍ଲାଇ ବି ଭିଆଇପି ଓ ତାଙ୍କ ପରିବାର ଦର୍ଶନ କରୁଛନ୍ତି ମେଢ଼। ପୋଲିସ ସବୁ ଦେଖି ଚୁପ ! କିନ୍ତୁ ସାଧାରଣ ଲୋକ ସାମ୍ବାଦିକଙ୍କ ଗାଡି ଦେଖି ଡେଉଁଛନ୍ତି ତିନିମୁହାଣୀ ଜଗିଥିବା ପୋଲିସ ବାବୁ ବଡ଼ ପୋଲିସ ବାବୁଙ୍କ ଠାରୁ ଛୋଟ ହୋମଗାର୍ଡଙ୍କ ରୋବାବ ନ କହିବା ଭଲ ! ଜନତା ଓ ସାମ୍ବାଦିକଙ୍କୁ ଦୃବ୍ୟବହାର। ଏଥିରୁ ଜଣା ପଡିଲା ଯେ ଭିଆଇପି ହିଁ କେନ୍ଦ୍ରାପଡ଼ା ପୋଲିସ ପାଇଁ ସର୍ବପରି।

**ଚେସ ଖେଳ ଲୋକପ୍ରିୟତା ବୃଦ୍ଧି ନିମନ୍ତେ ପ୍ରୟାସ, ୧୧ ରେ ଜଗତସିଂହପୁର ଚେସ ଚମ୍ପିୟାନସିପ**

ପାରାଦୀପ, (ମହାଭାରତ) : ଜଗତସିଂହପୁର ଚେସ୍ ଆସୋସିଏସନ ଓ ନିଖିଳ ଓଡ଼ିଶା ଚେସ୍ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଜଗତସସିଂହପୁର ଚେସ୍ ଚମ୍ପିଆନସିପ୍ ପାରାଦ୍ୱୀପରେ ଚଳିତ ଅକ୍ଟୋବର ୧୧ ଓ ୧୨ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାରାଦ୍ୱୀପ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ହେବ। ଏଥିରେ ଜଗତସିଂହପୁର ଜିଲ୍ଲାର ଯେକୌଣସି ଖେଳାଳି ଅଂଶଗ୍ରହଣ କରିପାରିବେ। ଏହି ପ୍ରତିଯୋଗିତାରେ ୩୦ ହଜାର ଟଙ୍କା ପୁରସ୍କାର ରାଶି ରଖାଯାଇଛି । ପ୍ରତିଯୋଗିତା ପାଇଁ ସହଯୋଗ ଲାଗି ଆୟୋଜକ କମିଟି ପକ୍ଷରୁ କିଟ୍ ଓ କିସର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ, ଜଗତସିଂହପୁର ଚେସ୍ ସଂଘ ସମ୍ପାଦକ ଡି. ଗଗନେନ୍ଦୁ ଦାଶଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ସ୍ପୋର୍ଟସ କାଉନସିଲ କ୍ରୀଡ଼ା ପରାମର୍ଶଦାତା ତଥା ଫୁଟବଲ ପ୍ରଶିକ୍ଷକ ରବୀନ୍ଦ୍ର କୁମାର ଦାସ ଓ ପାରାଦ୍ୱୀପ ପୋର୍ଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକଙ୍କ ପକ୍ଷରୁ ଏହି ମ୍ୟାଚର ଆୟୋଜନ ଓ ପ୍ରୋତ୍ସାହନ ଲାଗି ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଜଗତସିଂହପୁର ଜିଲାରେ ଚେସ ଖେଳର ଲୋକପ୍ରିୟତା ନେଇ ଏହା ଏକ ପ୍ରୟାସ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ପ୍ରତିଯୋଗିତା ଲାଗି ଅଧିକ ବିବରଣୀ ପାଇଁ ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଫୋନ ନମ୍ବର ୯୯୩୭୮୮୬୩୭୨ ରେ ଓ ଜେସିଏ ସଦସ୍ୟ ସୁପର୍ଣ୍ଣା ହୋତାଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

**ନୂଆଗାଁ ବ୍ଲକ ବିଭିନ୍ନ ସ୍ଥାନରେ ପୂଜା ପାଇଲେ ମା' ଧନଦାତ୍ରୀ**

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ପୂଜା ପାଇଲେ ଧନଦାତ୍ରୀ ମା ଗଜଲକ୍ଷ୍ମୀ। ସୂଚନା ଅନୁଯାୟୀ ଆଜି ମହୀତମା ବଣିକ ସଂଘ,ନୂଆଗାଁ ପୋଖରୀ ସାହି, ନୂଆଗାଁ ଉଠାଣି ସାହି, ନୂଆଗାଁ ଗଜଲକ୍ଷ୍ମୀ ପୂଜା କମିଟି,ଜାକେଡ଼ା ଓ କାଳିଆମ୍ବା ପକ୍ଷରୁ ଆଦି ସ୍ଥାନ ମାନଙ୍କରେ ସକାଳୁ ମା'ଙ୍କ ରୀତିନୀତି ଅନୁଯାୟୀ ପୂଜା ପାଠ,ହୋମ ଯଜ୍ଞ,ନାମ ସଂକୀର୍ତ୍ତନ ମହାଆଡମ୍ବରରେ କରାଯାଇଥିଲା। ଯାହାକି ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଉକ୍ତ ଅଞ୍ଚଳର ବହୁ ସଂଖ୍ୟାରେ ଲୋକମାନେ ଯୋଗଦେଇ ମା' ଧନଦାତ୍ରୀ ଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା ଗ୍ରହଣ କରିଥିଲେ। ସନ୍ଧ୍ୟା ସମୟରେ ମା' ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ ଗୁଡ଼ିକ ଭିନ୍ନ ଭିନ୍ନ ତୋରଣ ସାଜସଜ୍ଜା ସାଙ୍ଗକୁ ବିଦ୍ୟୁତ ଆଲୋକି କରଣରେ ଝଲସୁଥିବା ଦେଖିବାକୁ ମିଳିଥିଲା। ରାତ୍ରୀ ସମୟରେ ମା'ଙ୍କ ପୂଜା ମଣ୍ଡପ ମାନଙ୍କରେ ଧୂମଧାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ବାରହା ଆକ୍ରମଣରେ ମହିଳା ଗୁରୁତର**

ଦେବଗଡ, (ମହାଭାରତ) : ଆଜି ବାରହା ଆକ୍ରମଣ ରେ ଜଣେ ଗୁରୁତର ହୋଇଛି. ଦେବଗଡ଼ ଜିଲ୍ଲା ବାରକୋଟ ଥାନା ର ରାଇତା ବହାଲ ଗ୍ରାମପଞ୍ଚାୟତ ର ପୂରୁଣା ପାଣି ଗାଁ ରେ। ଘଟିଛି ଅଭସଲି ଘଟଣା। ଆଜି ଦିନ ମଧ୍ୟାନ୍ନ ସମୟରେ କୁବେର ସାହୁଙ୍କ ଧର୍ମ ପତ୍ନୀ ତୁଳା ସାହୁ,ବୟସ ୫୮ ସେ ନିଜ ଘର ର ବାରିପଟେ କିଛି ନିତ୍ୟ କର୍ମ କରୁଥିବା ସମୟରେ ହଟାତ ଏକ ବାରହା ଜଙ୍ଗଲ ପଟୁ ଦୌଡ଼ି ଆସି ତାକୁ ପଛ ପଟୁ ଆକ୍ରମଣ କରିଥିଲା ତାର ପାଟି ଶୁଣି ଘର ଏବଂ ଗାଁର ଲୋକମାନେ ସେଠାରେ ପହଂଚି ବହରା କବଳରୁ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ବାରହା ଟି ତାର ପଛ ପିଟା ପଟେ ବହୁତ କ୍ଷତାକ୍ତ କରିଥିବାରୁ, ତାଙ୍କ ପ୍ରଥମେ ପରବାର ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ବାରକୋଟ ପ୍ରାଥମିକ ମେଡିକାଲ କୁ ନେଇଥିଲେ ହେଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାକୁ ପାଲଲହରା ବଡ଼ ମେଡିକାଲ କୁ ପଠାଇଦେଇଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ନୁସାରେ ଆଗୁରୁ ପୋଡ଼ସୀ ଗାଁରେ ଜଣକୁ ଏହି ବାରହା ଟି ଆକ୍ରମଣ କରିଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ବାରକୋଟ ଫୋରେଷ୍ଟ ରେଞ୍ଜ ର କୌଣସି କର୍ମ କର୍ତା, ଘଟଣା ସ୍ଥଳରେ ଖବର ପାଇବା ପରେବି ପହଂଚୁ ନାହାନ୍ତି କି କୌଣସି ପଦକ୍ଷେପ ନୌ ନାହାନ୍ତି। ଏଥି ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ଲୋକଙ୍କ ଦାବି ରହିଛି। ପରେ ଫୋନେଯୋଗେ । ଆମେ ବାରକୋଟ ରେଞ୍ଜର ଙ୍କୁ ଜାଗାଯୋଗ କରିଥିଲୁ ସେ କହିଲେ ଯେ ମୁ ଜାଣି ନଥିଲି ଆମେ ପରେ ଖାବାର ପାଇଲୁ ତାହାର ଯାହା ମେଡିକାଲ ଖର୍ଚ ବାର କୋଟ ରେଞ୍ଜ ବହନ କରିବ ବୋଲି ଫୋନ୍ ମାଧମ ରେ ବାରକୋଟ ରେଙ୍ଗର ଅନିଲ କୁମାର ନାଏକ କହିଛନ୍ତି। ନେଇ ପଚରା ଉଚୁରା କରୁଥିବା ଅଭିଯୁକ୍ତ ହତ୍ୟା କରିଥିବା ସ୍ୱୀକାର କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଲାଞ୍ଜିଗଡ଼ ଠାରେ ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଏନେଇ ବିଶ୍ୱନାଥପୁରା ଥାନା କେଶ ନଂ ୬୩/ ୨୫ ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବିଙ୍ଗରି ମାଝୀକୁ ସୋମବାର କୋର୍ଟ ଚାଲାଣ କରିଥିବା ବିଶ୍ୱନାଥପୁରା ଥାନାଧିକାରୀ ତୁଳସୀରାମ ଶବର ପ୍ରକାଶ କରିଛନ୍ତି ।

**ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ**

କେନ୍ଦୁଝର, (ମହାଭାରତ) : ସ୍ଥାନୀୟ ଜେଲରୋଡ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡ଼ଠାରେ ପୂର୍ବ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଏକତ୍ରୀକରଣରେ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା,ଉପସଭାପତି ପ୍ରିୟବ୍ରତ ସାମଲ, ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ, ସମ୍ଭାଗ ସଂଯୋଜକ ଦୟାନିଧି ମହାନ୍ତ, ସହ ସଂଯୋଜକ ସନ୍ତୋଷ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଶ୍ରୀ ପଣ୍ଡା ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଦ୍ୟାଳୟ ପ୍ରତି ଭଲ ପାଇବା ଅତୁଟ ରଖିବା ପାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପ୍ରଧାନାଚାର୍ଯ୍ୟ ସମ୍ମିଳନୀରେ ପଞ୍ଚ ପରିବର୍ତ୍ତନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକକୁ ସଂଭାଗ ସହ ସଂଯୋଜକ ସନ୍ତୋଷ ମହାପାତ୍ର ପରିଚାଳନା କରିଥିବା ବେଳେ ଆଗାମୀ ଦିନରେ ପୂର୍ବ ଛାତ୍ର ପଞ୍ଜୀକରଣ କିପରି କରାଯିବା ସହ ପୂର୍ବ ଛାତ୍ରଛାତ୍ରୀଙ୍କ ଆଗାମୀ ଦିନରେ କିପରି ସହଭାଗିତା ରହିବ ସେନେଇ ବିଶଦ ଆଲୋଚନା କରିଥିଲେ।

**ଯୋଡ଼ା ପୌରପାଳିକାରେ ଉନ୍ନୟନ କାର୍ଯ୍ୟକୁ ନେଇ ଅଭିଯୋଗ ଆଣିଲେ ୧୪ କାଉନସିଲର**

ଯୋଡ଼ା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ଅଭିଯୋଗ କରି ସୋମ ବାର୍ ଦିନ ସାଢ଼େ ୧୧ ଟା ସମୟରେ ପୌରପାଳିକା କାର୍ଯ୍ୟାଳୟରେ ପୌର ନିର୍ବାହୀ ଅଧିକାରୀ ପଵନ୍ କୁମାର ସିଂ ରାଣା ଙ୍କୁ ବିଭିନ୍ନ ୱାର୍ଡର କାଉନସିଲର ମାନେ ଘେରିଥିଲେ। ୩ ନମ୍ବର ୱାର୍ଡର କାଉନସିଲର ରଶ୍ମିତା ପାଣିଗ୍ରାହୀ ଅଭିଯୋଗ କରିଥିଲେ ଯେ, ଗତ ଦୁଇ ବର୍ଷ ହେବ ଉନ୍ନୟନ ମୂଳକ କାର୍ଯ୍ୟରେ ସହରରେ ଅଚଳାବସ୍ଥା ଦେଖା ଦେଇଛି। କୁନ୍ଦୁରୁନାଲା ରାସ୍ତା ଓ ଡ୍ରେନ ନିର୍ମାଣ କରାଯାଉ ନ ଥିବାରୁ ରାସ୍ତ ସଙ୍କୁଚିତ ହୋଇ ପଡୁଛି। ଲୋକେ ଯାତାୟାତରେ



ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏନେଇ ବାରମ୍ବାର କାଉନସିଲ ବୈଠକରେ ଦାବି କରାଯାଉଥିଲେ ମଧ୍ୟ ନିର୍ବାହୀ ଅଧିକାରୀ କୌଣସି ପଦକ୍ଷେପ ନେଉ ନାହାନ୍ତି। ବିଭିନ୍ନ ବସ୍ତିକୁ ସଂଯୋଗ ହୋଇଥିବା ରାସ୍ତାରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ଅଧିକାଂଶ ସମୟରେ ତଦାରଖ ଅଭାବରୁ ଜଳୁନାହିଁ। ଯାହାଦ୍ୱାରା ଲୋକେ ଅନ୍ଧାରରେ ରହୁଛନ୍ତି। ଅନ୍ଧାରରେ ଚୋରି ଓ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ବଢୁଛି। ୬ ନମ୍ବର ୱାର୍ଡର କାଉନସିଲର ଗଣେଶ ମୋଦି ଅଭିଯୋଗ କରିଥିଲେ ଯେ, ଶୌଚାଳୟ ମରାମତି, ପରିଚୟ ଗୃହ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ସେହିପରି ୧୦ ନମ୍ବର ୱାର୍ଡ କାଉନସିଲର ପୂଜା ସିଂ ଆଲଦା କହିଛନ୍ତି ଯେ, ସୁନାନଦୀ ଦୁଇ କୂଳରେ ପଥର ପେଚିଂ କରାଯାଉ ନ ଥିବାରୁ ନିକଟରେ ବସବାସ କରୁଥିବା ବସ୍ତି ବାସିନ୍ଦାଙ୍କ ଘର ପ୍ରତି ବିପଦ ରହିଛି। ହନୁମାନ ହଟିଙ୍ଗ ରେ ରହିଥିବା ଶୌଚାଳୟ ଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ି ରହିବା ସହିତ ପାଣି ବ୍ୟବସ୍ଥା ନାହିଁ । ଏନେଇ ବାରମ୍ବାର ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେ ଅଭିଯୋଗ କରିଥିଲେ। ସେହିପରି ୫ ନମ୍ବର ୱାର୍ଡ କାଉନସିଲର ସୁମିତ୍ରା କାରୁଆଙ୍କ ଅଭିଯୋଗ ଅନୁଯାୟୀ, ତାରିଣୀ ଛକରୁ ଆଜାଦ ବସ୍ତି ରାସ୍ତା, ଆଜାଦ ନଗର ରାସ୍ତା ମରାମତି ଓ ଡ୍ରେନ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସେ ଦାବି କରିଥିଲେ। ୧ ନମ୍ବର ୱାର୍ଡ କାଉନସିଲର ଭାନୁମତୀ ବାନା ଅଭିଯୋଗ କରିଥିଲେ ଯେ, ତାରିଣୀ ହଟିଙ୍ଗ, ତଲକ୍ ହଟିଙ୍ଗ, ନେପାଳୀ ବସ୍ତି, ଶାସ୍ତ୍ରୀନଗର ପ୍ରଭୃତି ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହିତ ରାସ୍ତା ମରାମତି ଓ ଡ୍ରେନ ମରାମତି କାର୍ଯ୍ୟ ଦୀର୍ଘ ବର୍ଷ ହେବ ଅଚଳ ହୋଇ ପଡ଼ିଛି। ବାରମ୍ବାର ନିର୍ବାହୀ ଅଧିକାରୀଙ୍କ ବଦଳି ହେଉଥିବା ଯୋଗୁଁ ଯୋଡ଼ା ସହରର ସମସ୍ତ ୱାର୍ଡରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

**ଧୂମାଧାମରେ ପାଳିତ ହେଲା ଗଜଲକ୍ଷ୍ମୀ ପୂଜା**

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ର ଲକ୍ଷ୍ମୀ ବଜାର ଠାରେ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ କୁ ୬୫ ବର୍ଷ ରେ ପଂହଞ୍ଚିଛି। ୧୯୬୦ ମସିହା ଠାରୁ ପାରମ୍ପରିକ ଭାବେ ବଜାର ପୂଜା ହୋଇ ଆସୁଛି. ଦୀର୍ଘ ବର୍ଷ ଧରି ପୂଜା ହୋଇ ଆସୁଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ ଦେଖିବାକୁ ମିଳିଛି। ମା'ଙ୍କ ପ୍ରତ୍ୟୁଷ ରୁ କୁଂଆରିଆ ନଦୀ ରୁ ପବିତ୍ର ଜଳ କଳସ ଶୋଭାଯାତ୍ରା ରେ ଆଣି ମନ୍ଦିର ରେ ସ୍ଥାପନ କରାଯଇଥିଲା। ନିର୍ଦ୍ଧାରିତ ସମୟରେ ବ୍ରାହ୍ମଣ ଯୋଗେଶ୍ୱର ମିଶ୍ର ଓ ମୃତ୍ୟୁଞ୍ଜୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପୂଜା ଓ ହୋମ କରାଯାଇଥିଲା। ହୋମରେ କର୍ତ୍ତା ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ପତ୍ନୀ ର ସଶ୍ମିତା ପ୍ରଧାନ କାର୍ଯ୍ୟ ତୁଲାଇ ଥିଲେ। ଅନୁଷ୍ଠିନର ସଭାପତି ଅଲେଖ ସାହୁଙ୍କ ସଭାପତିତ୍ୱରେ ମହାବୀର ବଣିକ ମହାସଂଘର ସହଯୋଗୀ ୧୪ ଗୋଟି ବଜ଼ାରର କାର୍ଯ୍ୟକର୍ତା ବନ୍ଧୁ ମିଳନ ଉତ୍ସବ ରେ ଅଂଶ ଗ୍ରହଣ କରିଥିଲେ। ଆଗାମୀ ବର୍ଷ ପାଇଁ ରଙ୍ଗୀନ ସଚିତ୍ର



କ୍ୟାଲେଣ୍ଡର ପ୍ରକାଶନ, ପୁରାତନ ନାରାୟଣଗଞ୍ଜ ସାପ୍ତାହିକ ହାଟର ଶ୍ରୀ ବୃଦ୍ଧି, ଦଶପଲ୍ଲା ସହର ରେ ଥିବା ବିଭିନ୍ନ ବଜାରରେ ଭେଣ୍ଡିଙ୍ଗ ଜୋନ୍ ସ୍ଥାପନ, ଦଶପଲ୍ଲାକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା, ସହରର ଡ୍ରେନେଜ ଓ ରାସ୍ତା ବ୍ୟବସ୍ଥା ରେ ସୁଧାର ଆଣିବା, ପ୍ରତି ଜନ ଗହଳି ବଜାର ରେ ସୁଲଭ ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଅତିଥି ଭାବେ ମହାସଂଘ ର ଉପଦେଷ୍ଟା ମଣ୍ଡଳୀ ଓ କର୍ମକର୍ତା। ଅଂଶ ଗ୍ରହଣ କରିଥିଲେ। ଏହି ଅବସର ରେ ବଜ଼ାର ବର୍ଷୀୟାନ ବ୍ୟବସାୟୀ ବିନୋଦ କୁମାର ପୃଷ୍ଟି ଓ ଶ୍ରୀଧର ବାରିକଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା. ସମ୍ପାଦକ ଶିଶିର ବାରିକ, ଉପ ସଭାପତି ଅନିଲ କୁମାର ରାୟ, କୋଷାଧକ୍ଷ ରମେଶ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ମହାସଂଘ ତରଫ ରୁ ତାରାକାନ୍ତ ସାହୁ, ସଜନ କୁମାର ଆଗ୍ରୱାଲ, ସଜନ କୁମାର ରାୟ, ପ୍ରଶାନ୍ତ କୁମାର ସାହୁ, ନାରାୟଣ ମହାନ୍ତି, ସୁଶାନ୍ତ କୁମାର ମହାପାତ୍ର, ମାନସ ରଞ୍ଜନ ସାହୁ, ପୀତବାସ ପାତ୍ର, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଆଲୋଚନା ରେ ଭାଗ ନେଇ ଗଠନ ମୂଳକ ପ୍ରସ୍ତାବ ରଖିଥିଲେ। ସଂଧ୍ୟାରେ ଆଗନ୍ତୁକ ଭକ୍ତଙ୍କ ଉଦେଶ୍ୟରେ ସନ୍ତୋଷ କୁମାର ସାହୁ ରାମ ଖେଚେଡା ପ୍ରସାଦ କରି ବଣ୍ଟନ କରିଥିଲେ। ଅନୁରୂପ ଭାବେ ଦଶପଲ୍ଲା ର ମହାବୀର ମନ୍ଦିର ସମ୍ମୁଖ ରେ ମା ଲକ୍ଷ୍ମୀଙ୍କ ପୂଜା ବଡ଼ ଆଡମ୍ବର ରେ ଆୟୋଜନ କରାଯାଇଛି। କୁଆଁରିଆ ଛକ ଠାରେ ମଧ ଗଜ ଲକ୍ଷ୍ମୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

**ଲୁହାପଥର ଚୋରା ଚାଲାଣ ବେଳେ ୫ ଟ୍ରକ୍ ଜବତ୍**

ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ରୁଗୁଡି ଥାନା ଅନ୍ତର୍ଗତ ନୂଆଗାଁ ଖଣି ଲିଜ ଅଞ୍ଚଳରେ ଘରୋଇ ସୁରକ୍ଷା କର୍ମୀକୁ ଧମକ ଦେଇ ଲୁହାପଥର ଚୋରା ଚାଲାଣ ଉଦ୍ୟମ ବେଳେ ପୋଲିସ ଦ୍ୱାରା ୫ ଟ୍ରକ୍ ଜବତ ହୋଇଛି । ଘଟଣାସ୍ଥଳରୁ ଚୋରା କାରବାରରେ ସଂପୃକ୍ତ ଥିବା ଜଣେ ଡ୍ରାଇଭରକୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁଯାୟୀ ଜଣାପଡିଛି ଯେ, ଏହି ଲିଜ ଅଞ୍ଚଳରେ ପୂର୍ବରୁ ଗଛିତ ଥିବା ଲୁହାପଥର ଷ୍ଟକରୁ ଖଣିଜ ଚୋର ମାନେ ଲୋଡ଼ର ମେସିନ ଦ୍ୱାରା ଟ୍ରକରେ ରବିବାର ବିଳମ୍ବିତ ରାତିରେ ଲୁହାପଥର ଲୋଡିଂ କରୁଥିବା ଖବର ପାଇ ରୁଗୁଡ଼ି ପୋଲିସ୍ ଅତର୍କିତ ଚଢାଉ କରିଥିଲା । ତେବେ ପୋଲିସ ଗାଡ଼ି ଆସୁଥିବାର ଦେଖି ଘଟଣାସ୍ଥଳରୁ ଖଣିଜ ଚୋର ମାନେ ଲୋଡ଼ର୍ ନେଇ ଖସିଯିବାକୁ ସକ୍ଷମ ହୋଇଥିବାବେଳେ, ୪ଟି ଟ୍ରକ ଓ ଗୋଟିଏ ଟ୍ରେଲର ସହ ଜଣେ ଡ୍ରାଇଭରକୁ ଧରିଥିଲା ପୋଲିସ୍ । ପୋଲିସର ସୂଚନା ଅନୁଯାୟୀ, ଗତ ୨୦୨୦ ମସିହାରୁ ଖଣି ନିଲାମ ପୂର୍ବରୁ ଏଠାରେ ବହୁ ପରିମାଣର ଗୁଣ୍ଡ ଲୁହାପଥର ଗଛିତ ହୋଇ ରହିଥିଲା ଏବଂ ତାହା ଓଡ଼ିଶା ଖଣି ନିଗମ ତତ୍ତ୍ୱାବଧାନରେ ରହିଥିଲା । ବହୁ ପରିମାଣର ଗଛିତ ଥିବା ଏହି ଲୁହାପଥରର ସୁରକ୍ଷା ପାଇଁ ଓଏମସି ଦ୍ୱାରା ସୁରକ୍ଷା କର୍ମୀ ନିୟୋଜିତ କରାଯାଇଥିଲା । ତେବେ ଗତ ବିଳମ୍ବିତ ରାତିରେ ସୁରକ୍ଷାକର୍ମୀଙ୍କୁ ଖଣିଜ ଚୋର ମାନେ ଧମକ ଚମକଦେଇ ଟ୍ରକରେ ଗୁଣ୍ଡ ଲୁହାପଥର ବୋଝେଇ କରି ଚୋରା ଚାଲାଣ ଉଦ୍ୟମ କରୁଥିଲେ। ଜବତ୍ ଟ୍ରକ୍ ଗୁଡ଼ିକ ହେଲା ଓଡି-୦୯ୱାଇ-୦୦୧୪, ଓଡି-୦୪ଏମ- ୪୨୪୨, ଡବ୍ଲ୍ୟୁବି-୧୫ଏଚ-୭୪୯୫,ଜେଏଚ-୦୨ବିପି-୪୦୯୪, ଓଡି-୧୪ଏଏଫ୍- ୫୪୮୯ । ଏହି ଚୋରା କାରବାରରେ ଏକ ବଡ ଧରଣର ରାକେଟ କାମ କରୁଥିବା ପୋଲିସ ସନ୍ଦେହ କରି ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି ।

**ନାବାଳକକୁ ମୁଣ୍ଡରେ ପଥର ଛେଚି ହତ୍ୟା ଅଭିଯୋଗ, ଅଭିଯୁକ୍ତ ଗିରଫ**

ଲାଞ୍ଜିଗଡ, (ମହାଭାରତ): ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଜୋବା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଯୋବା ଗାଁର ବିଙ୍ଗରି ମାଝୀ (୩୭) ଜଣେ ୫ ବର୍ଷର ଶିଶୁ ଚନ୍ଦନ ମାଝୀକୁ ରବିବାର ଦିନ ଦ୍ୱିପ୍ରହରେ ମୁଣ୍ଡରେ ପଥର ଛେଚି ହତ୍ୟା ଅଭିଯୋଗରେ ଗିରଫ କରିଛି ବିଶ୍ୱନାଥପୁର ପୁଲିସ। ସୂଚନାନୁସାରେ ମୃତ ଚନ୍ଦନର ବାପା ସୁଦର ମାଝୀ ଓ ମାଁ ସନୁ ମାଝୀ ପୋଡ଼ସୀ ଗାଁକୁ ଏକ ଦଶାହ କାର୍ଯ୍ୟରେ ଯାଇଥିଲେ। ହେଲେ ଏପଟେ ବିଙ୍ଗରି ମାଝୀ ଚନ୍ଦନକୁ ବିସ୍କୁଟ କିଣିଦେବି କହି ଦୋକାନକୁ ଡ଼ାକିନେଇଥିଲା ଓ ଆସିବା ବାଟରେ କୌଣସି କାରଣରୁ ଚନ୍ଦନର ମୁଣ୍ଡରେ ପ୍ରଥମେ ଛୋଟ ପଥର ଟେକା ମାରିଥିଲା ଯାହାଫଳରେ ଚନ୍ଦନର ମୁଣ୍ଡଫାଟି ରକ୍ତାତ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡିଯାଇଥିଲା। ଚନ୍ଦନ କାଳେ ଚେତା ପାଇ ତାର ପରିବାରକୁ ସବୁ କଥା ଜଣେଇ ଦେବ ବୋଲି ପୁଣି କାଠ ଫାଳରେ ଆକ୍ରମଣ କରିଥିଲା ଓ ପରେ ମୁଣ୍ଡରେ ପଥର ଛେଚି ଦେବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ରାସ୍ତା କଡରେ ପଡିରହିଥିଲା। ପରେ ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଚନ୍ଦନକୁ ଉଦ୍ଧାର କରି ଚେତାଶୂନ୍ୟ ଅବସ୍ଥାରେ ପ୍ରଥମେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନେଇଁଥିବା ବେଳେ ଅତ୍ୟନ୍ତ ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଥିବା ବାଟରେ ଚନ୍ଦନର ମୃତ ଘଟିଥିଲା। ସୋମବାର ସକାଳେ ପରିବାର ପକ୍ଷରୁ ବିଶ୍ୱନାଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପରେ ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବରଙ୍କ ନେତୃତ୍ୱରେ ପୋଲିସ ବଳ ସହିତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି ବିଶ୍ୱନାଥପୁର ପୁଲିସ। ଅପରପକ୍ଷରେ ଗିରଫ ଅଭିଯୁକ୍ତକୁ ଥାନାକୁ ନେଇ ପଚରା ଉଚୁରା କରୁଥିବା ଅଭିଯୁକ୍ତ ହତ୍ୟା କରିଥିବା ସ୍ୱୀକାର କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଲାଞ୍ଜିଗଡ଼ ଠାରେ ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଏନେଇ ବିଶ୍ୱନାଥପୁରା ଥାନା କେଶ ନଂ ୬୩/ ୨୫ ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବିଙ୍ଗରି ମାଝୀକୁ ସୋମବାର କୋର୍ଟ ଚାଲାଣ କରିଥିବା ବିଶ୍ୱନାଥପୁରା ଥାନାଧିକାରୀ ତୁଳସୀରାମ ଶବର ପ୍ରକାଶ କରିଛନ୍ତି ।

**ସୀମା ନିରୂପଣକୁ ନେଇ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଲେ ଅଞ୍ଚଳବାସୀ**

କେନ୍ଦୁଝର, (ମହାଭାରତ): ରାସ୍ତା ନିର୍ମାଣ ସମୟରେ ବ୍ଲକ ଦ୍ୱାରା ଲଗାଯାଇଥିବା ବୋର୍ଡ ରେ ଭୁଲ ତଥ୍ୟ ଯୋଗୁ ପଳାଶପଙ୍ଗା। ପଞ୍ଚାୟତର ତିହାଡିପଶି ଓ ଶଣ୍ଡିଆପଶି ମଧ୍ୟରେ ସୀମା କୁ ନେଇ ବିବାଦ ସୃଷ୍ଟି ହୋଇଥିବା ନେଇ ସୋମବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ସେମାନଙ୍କ ଅଭିଯୋଗ ଅନୁସାରେରେ ତିହାଡିପଶି ରୁ ଶଣ୍ଡିଆପଶି କୁ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ରୁ ୨୦୨୪/୨୦୨୫ ରେ ମଞ୍ଜୁର ହୋଇଥିବା ବେଳେ ପ୍ରଶାସନିକ ସ୍ତରରେ ଭୁଲ କ୍ରମେ ଖପରାଖାଇ ଛକ ଠାରୁ ଶଣ୍ଡିଆପଶି ଏବଂ ପୂର୍ବରୁ ଏହା ଖପରାଖାଇ ଛକ ଠାରୁ ଖୁଣ୍ଟାପଡା ରାସ୍ତାର ନାମ ଫଳକରେ ଲେଖା ଯାଇଥିଲା । ଏହିପରି ବାରମ୍ବାର ପ୍ରଶାସନିକ ତୃଟି ଯୋଗୁ ତିହାଡିପଶି ଗ୍ରାମର ନାମ ଦର୍ଶାଯାଉ ନ ଥିବାରୁ ତିହାଡିପଶି ଓ ଖପରାଖାଇ ଗ୍ରାମ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି। ତେଣୁ ଏହାର ସଂଶୋଧନ କରାଯାଇ ସଡକ ନିର୍ମାଣ କରାଇବା ପାଇଁ ସୋମବାର ତିହାଡିପଶି ଗ୍ରାମର ଗୋପାଳ ଚନ୍ଦ୍ର ନାଏକ, ସାଗର ଚନ୍ଦ୍ର ନାଏକ,ମଦନ ମୋହନ ଲୋହାର,ରତ୍ନାକର ନାଏକ ଓ ଯାଦବ ନାଏକଙ୍କ ସମ୍ମେତ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଜିଲାପାଳ ତୁରନ୍ତ ଏହାର ସମାଧାନ ପାଇଁ ସଦର ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

**ସୁଭଦ୍ରା ଯୋଜନାରୁ ବଂଚିତ ହିତାଧିକାରୀଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ ହେଉନି ତଦନ୍ତ କି ମିଳୁନି ସହାୟତା**

ଢେଙ୍କାନାଳ, (ମହାଭାରତ) : ରାଜ୍ୟ ସରକାର ମହିଳା ମାନଙ୍କୁ ସ୍ୱବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ମହିଳା ମାନଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି । ଯାହା କି ସେମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ କରିବ । ତେବେ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀ ମାନଙ୍କୁ ଏହି ଯୋଜନାରେ ସାମିଲ କରିଛନ୍ତି । ଯୋଗ୍ୟ ହିତାଧିକାରୀ ହୋଇ ମଧ ଏହି ଯୋଜନାରୁ ବାଦ୍ ପଡିଛନ୍ତି ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଚାଉଳିଆ ପଂଚାୟତର



ଚାଉଳିଆ ଖମାର ଗ୍ରାମର ମନୋରମା ବେହେରା, ଟୁନି ସାହୁ ଓ ଲିଜା ସାହୁ । ତେବେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପୋର୍ଟାଲଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ କୌଣସି ପ୍ରଶାସନିକ ଅଧିକାରୀ ଏହାର ତଦନ୍ତ କରୁନାହାନ୍ତି ବୋଲି ସେମାନେ କହୁଛନ୍ତି । ତେବେ ଆଜି ପୁନର୍ବାର ଢେଙ୍କାନାଳ ସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେଉଥିବା ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗୋଟିଏ ପଟେ ମହିଳା ମାନଙ୍କୁ ସ୍ୱାବଲମ୍ବି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନାରେ ସହାୟତା ପ୍ରଦାନ କରୁଛନ୍ତି । ଇତି ମଧ୍ୟରେ ଏହି ଯୋଜନାର ଏକ ବର୍ଷ ପୁରଣ ହୋଇଗଲଣି । ମହିଳା ମାନଙ୍କୁ ପ୍ରାଧାନ୍ୟ ଦେବା ଏହି ଯୋଜନାର ମୁଳ ଲକ୍ଷ୍ୟ । ତେବେ ସୁଭଦ୍ରା ଯୋଜନାରେ ସହାୟତା ପାଇବା ପାଇଁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ ସୁଭଦ୍ରା ସହାୟତା ପାଇବାରୁ ବଂଚିତ ହୋଇଛନ୍ତି ମନୋରମା, ଟୁନି ଓ ଲିଜା । ତେବେ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେବା ସହିତ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ଆଜି ପୁନର୍ବାର ମିଳିତ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ବାରହା ଆକ୍ରମଣରେ ମହିଳା ଗୁରୁତର

ଦେବଗଡ( ମହା ଭରତ) : ଆଜି ବାରହା ଆକ୍ରମଣ ରେ ଜଣେ ଗୁରୁତର ହୋଇଛି। ଦେବଗଡ଼ ଜିଲ୍ଲା ବାରକୋଟ ଥାନା ର ରାଇତା ବହାଲ ଗ୍ରାମପଞ୍ଚାୟତ ର ପୂରୁଣା ପାଣି ଗାଁ ରେ ଘଟିଛି ଏଭଳି ଘଟଣା। ଆଜି ଦିନ ମଧ୍ୟାହ୍ନ ସମୟରେ କୁବେର ସାହୁ ଙ୍କ ଧର୍ମ ପତ୍ନୀ ତୁଳା ସାହୁ,ବୟସ ୫୮ ସେ ନିଜ ଘର ର ବାରିପଟେ କିଛି ନିତ୍ୟ କର୍ମ କରୁଥିବା ସମୟରେ ହଟାତ ଏକ ବାରହା ଜଙ୍ଗଲ ପଟୁ ଦୌଡ଼ି ଆସି ତାକୁ ପଛ ପଟୁ ଆକ୍ରମଣ କରିଥିଲା । ତାର ପାଟି ଶୁଣି ଘର ଏବଂ ଗାଁର ଲୋକମାନେ ସେଠାରେ ପହଂଚି ବହରା କବଳରୁ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ବାରହା ଟି ତାର ପଛ ପିଠ ପଟେ ବହୁତ କ୍ଷତାକ୍ତ କରିଥିବାରୁ, ତାଙ୍କ ପ୍ରଥମେ ପରବାର ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ବାରକୋଟ ପ୍ରାଥମିକ ମେଡିକାଲ କୁ ନେଇଥିଲେ ହେଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାକୁ ପାଲଲହରା ବଡ଼ ମେଡିକାଲ କୁ ପଠାଇଦେଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ନୁସାରେ ଆଗୁରୁ ପୋଡ଼ସୀ ଗାଁରେ ଜଣକୁ ଏହି ବାରହା ଟି ଆକ୍ରମଣ କରିଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ବାରକୋଟ ଫୋରେଷ୍ଟ ରେଞ୍ଜ ର କୌଣସି କର୍ମ କର୍ତା, ଘଟଣା ସ୍ଥଳରେ ଖବର ପାଇବା ପରେବି ପହଂଚୁ ନାହାନ୍ତି କି କୌଣସି ପଦକ୍ଷେପ ନୈ ନାହାନ୍ତ। ଏଥି ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ଲୋକଙ୍କ ଦାବି ରହିଛି।

## ଅମରେନ୍ଦ୍ର ଧଳ ଙ୍କୁ ଜିଲ୍ଲା ଆଇଟ ସେଲ ଦାୟିତ୍ୱ: ଶୁଭେଚ୍ଛା ଜଣାଇଲେ ଯୁବ ବର୍ଗ

ହାଟଡିହି(ମହହାଭାରତ): ହାଟଡିହି ବ୍ଲକ ଅନ୍ତର୍ଗତ କଳିଗାଁ ପଞ୍ଚାୟତ ର ଉଦୀୟ ମାନ ଯୁବକ ଅମରେନ୍ଦ୍ର ଧଳ କିଛି ଦିନ ପୂର୍ବରୁ ସାମାଜିକ ଗଣମାଧ୍ୟମ ରେ ବିଜୁ ଜନତା ଦଳର ଆନନ୍ଦପୁର ରେ ମୁରୁବୀ ଶୂନ୍ୟ ବୋଲି ପ୍ରଶ୍ନ କରିଥିଲେ। ପୂର୍ବରୁ ଦଳ ରେ ବିଭିନ୍ନ ସ୍ଥାନରେ ରହି କାମ କରୁଥିଲେ। ବିଗତ ଦିନରେ ନିଜ ପଞ୍ଚାୟତ ର ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ।ତାଙ୍କୁ ଏବେ ବଡ ଦାୟିତ୍ୱ ତୁଲାଇବାକୁ ଦାୟିତ୍ୱ ମିଳିଛି। ଯାହାକି ତାଙ୍କୁ କେନ୍ଦୁଝର ଜିଲ୍ଲା ଆଇଟ ସେଲ ଦାୟିତ୍ୱ ମିଳିଥିବା ରୁ ବିଜୁଜନତା ଦଳର ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ରାଜ୍ୟ ନେତୃତ୍ୱ ଓ ଜିଲ୍ଲା ସଭାପତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଦାୟିତ୍ୱ ମିଳିବା ପରେ ବରିଷ୍ଠ ବିଜୁ ଜନତା ଦଳ ରନେତା ତଥା ପୂର୍ବତନ ଜିଲ୍ଲା ସଭାପତି ଓ ବର୍ତ୍ତମାନ ର ୩୭ନମ୍ବର ଜିଲ୍ଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ ଯୁବ ନେତା ଦୀପ୍ତି ରଞ୍ଜନ ଦାସ ,ଅରୂପ କୁମାର ଶା ,ଅଭୟ ସାହା ତୁଷାର ରଞ୍ଜନ ଜେନା ଉଦୟ ନାଥ ସା,ପ୍ରତାପ କୁମାର ରାଉତ ଦେବାଶିଷ ରାମ ,ପ୍ରସନ୍ତ ନାୟକ , ଶିବପ୍ରସାଦ ଜେନା ପ୍ରମୁଖ ରଖି ଥିଲେୟ ଶେଷରେ ବିଜୁ ଜନତା ଦଳ ର ବରିଷ୍ଠ ନେତା ତଥା ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ବିଧାୟକ ଅଭିମନ୍ୟୁ ସେଠୀ ଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ପୂର୍ବତନ ରାଜସ୍ୱ ବିଭାଗ ଅଧିକାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ହାଟଡିହି ବ୍ଲକ ପନ୍ଦାଡୋ ପଞ୍ଚାୟତ ପୋଡ଼ାସିଙ୍ଗିଡି ଗ୍ରାମରେ ସ୍ୱର୍ଗତ ଶ୍ରୀନିବାସ ଜେନାଙ୍କ ପ୍ରତିମୂର୍ତ୍ତିର ସାଇ ଫାର୍ମ ହାଉସ ରେ ଉନ୍ମୋଚନ କରାଗଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ପ୍ରତନିଧି ନିକୁଞ୍ଜ ଓଝା, ଚିତ୍ତରଂଜନ ପାତ୍ର, ଆଲୋକ ସେଠୀ ଓ ଭଦ୍ରକ ଜିଲ୍ଲାପାଳ ଅଫିସ ର ବରିଷ୍ଠ ଅଧିକାରୀ ମାନଙ୍କ ସହ, ସାହିତ୍ୟିକ, ବୁଦ୍ଧିଜିବୀ, ପରିବାରବର୍ଗ ଓ ଗ୍ରାମବାସୀ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ସରପ□ ପ୍ରତିନିଧି ପ୍ରତିମୃତି ଉନ୍ମୋଚନ କରିଥିବା ବେଳେ ଅତିଥିମାନେ ଯୋଗ ଦେଇଥିଲେ ଶ୍ରୀନିବାସ ଜେନା ଜୀବନୀ ଉପରେ ପର୍ଯ୍ୟବେଶିତ କିଛି କିଛି ଅନୁଭୂତି ପ୍ରଦାନ କରିଥିଲେ। ଶ୍ରୀନିବାସ ଜେନାଙ୍କ ଆଦର୍ଶ, ମୂଲ୍ୟବୋଧ ଓ ଆଚରଣକୁ ନିଜ ଜୀବନରେ ଅନୁସରଣ କରିବାକୁ ସମସ୍ତେ ଆଲୋଚନା କରିଥିଲେ।

## ନୂତନ ଇଲେକ୍ଟ୍ରିକ୍ରୀ ସ୍କୁଟି ଶୋରୁମ୍ ଉଦଘାଟିତ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ରେ ନୂତନ ଇଲେକ୍ଟ୍ରିରୀ ସ୍କୁଟି ଶୋରୁମ୍ ସିଭାଂଶ ମୋଟର ଉଦ୍ଘାଟିତ ହୋଇଛ। ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ ଯୋଗଦାନ କରି ଉଦ୍ଘାଟନ କରିଛନ୍ତ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ,ପୂର୍ବତନ ଅଧ୍ୟକ୍ଷ ତଥା ପଲାଶଘାଟି ସମିତି ସଭ୍ୟ ବିଶ୍ୱନାଥ ନାୟକ,ପାଟଣା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ଦାଶ ଉପସ୍ଥିତି ଥିଲେ। ଏହି ଇଲେକ୍ଟ୍ରିରୀ ସ୍କୁଟି କୁ ଗ୍ରାହକ କିଣିଲେ ବିନା ପେଟ୍ରଲ,ଲାଇସେନ୍ସ,ପଞ୍ଜିକରଣ କିମ୍ବା କୌଣସି ଟ୍ୟାକ୍ସ,ପ୍ରୁସନ ଦେବାକୁ ପଡିବ ନାହିଁ। ଏହି ଇଲେକ୍ଟ୍ରିରୀ ସ୍କୁଟି ମୂଲ୍ୟ ୩୯୯୯୯ଟଙ୍କା ରୁ ଆରମ୍ଭ ହେଇଥିବା ବେଳେ ଗ୍ରାହକ ଙ୍କୁ ଋଣ ମାଧ୍ୟମ ରେ ଇଲେକ୍ଟ୍ରିରୀ ସ୍କୁଟି ଯୋଗାଇ ଦେବାର ସୁବିଧା ରହିଥିବା ସିଭାଂଶ ମୋଟର ମାଲିକ ଦୀପକ ମଣ୍ଡଲ ସୂଚନା ଦେଇ ଛନ୍ତି। ଏହି ଉଦ୍ଘାଟନି ପ୍ରଥମ ଦିନ ରେ ୮ଟି ଇଲେକ୍ଟ୍ରିରୀ ସ୍କୁଟି ବିକ୍ରି ହୋଇ ଥିବା ବେଳେ ଗ୍ରାହକ ଙ୍କୁ ଶୋରୁମ୍ ତରଫ ରୁ ମାଗଣା ରେ ହେଲମେ□,ଗ୍ରାଇଣ୍ଡର,ଆଇରନ୍ ପ୍ରଦାନ କରାଯାଇଛି।

## ମୋନଜ କାଳନ୍ଦୀ ହତ୍ୟା କାରୀକୁ ଧରିଲା ଯୋଡା ପୁଲିସ୍

ଯୋଡା(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ସ୍ଥିତ ହନୁମାନ ହଟିଂ ଠାରେ ରବିବାର ଦିନ ଘଟି ଥିବା ମନୋଜ କାଳନ୍ଦୀ ହତ୍ୟା କାଣ୍ଡ ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତ ନାବାଳକ ଙ୍କୁ ଧରିଛି ।ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଜଣେ ମୃତ କାଳନ୍ଦୀ ଙ୍କ ସାବତ ପୁଅ ହୋଇ ଥିବା ବେଳେ ଅନ୍ୟ ଜଣେ ତାଙ୍କ ସହଯୋଗୀ ବୋଲି ପୋଲିସ ସୂଚନା ଦେଇଛି । ଏ ନେଇ ପୋଲିସ ଯୋଡା ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖି ଥିଲା ।ପୋଲିସ ର ସୂଚନା ଅନୁଯାୟୀ,ଅଭିଯୁକ୍ତ ନାବାଳକ ଜଣକ ମୃତ ମନୋଜ କାଳନ୍ଦୀ ଙ୍କ ସାବତ ପୁଅ ଥିଲେ ।ନାବାଳକ ଙ୍କୁ ଅନେକ ସମୟରେ ମନୋଜ କାଳନ୍ଦୀ ଝଗଡ଼ା କରିବା ସହିତ ମାରପିଟ୍ କରୁଥିଲେ ।ଏଥିରେ ନାବାଳକ ଜଣକ କ୍ରୋଧାନ୍ୱିତ ହୋଇ ତାଙ୍କ ସହୋଜୋଗି ସାଙ୍ଗ ଙ୍କ ସହିତ ମିଶି ହତ୍ୟା କାଣ୍ଡ ଘଟାଇ ଫେରାର ଥିଲେ ।

## ତିହାଡିପଶି ଓ ଶଣ୍ଢିଆପଶି ମଧ୍ୟରେ ସୀମା ନିରୂପଣ କୁ ନେଇ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଲେ ଅଞ୍ଚଳବାସୀ



କେନ୍ଦୁଝର(ମହାଭାରତ): ରାସ୍ତା ନିର୍ମାଣ ସମୟରେ ବ୍ଲକ ଦ୍ୱାରା ଲଗାଯାଇଥିବା ବୋର୍ଡ ରେ ଭୁଲ ତଥ୍ୟ ଯୋଗୁ ପଳାଶପଙ୍ଗା ପଞ୍ଚାୟତର ତିହାଡିପଶି ଓ ଶଣ୍ଢିଆପଶି ମଧ୍ୟରେ ସୀମା କୁ ନେଇ ବିବାଦ ସୃଷ୍ଟି ହୋଇଥିବା ନେଇ ସୋମବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ସେମାନଙ୍କ ଅଭିଯୋଗ ଅନୁସାରେରେ ତିହାଡିପଶି ରୁ ଶଣ୍ଢିଆପଶି କୁ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ରୁ ୨୦୨୪/ ୨୦୨୫ ରେ ମଞ୍ଜୁର ହୋଇଥିବା ବେଳେ ପ୍ରଶାସନିକ ସ୍ତରରେ ଭୁଲ କ୍ରମେ ଖପରାଖାଇ ଛକ ଠାରୁ ଶଣ୍ଡିଆପଶି ଏବଂ ପୂର୍ବରୁ ଏହା ଖପରାଖାଇ ଛକ ଠାରୁ ଖୁଣ୍ଟାପଡା ରାସ୍ତାର ନାମ ଫଳକରେ ଲେଖା ଯାଇଥିଲା । ଏହିପରି ବାରମ୍ବାର ପ୍ରଶାସନିକ ତୃଟି ଯୋଗୁ ତିହାଡିପଶି ଗ୍ରାମର ନାମ ଦର୍ଶାଯାଉ ନ ଥିବାରୁ ତିହାଡିପଶି ଓ ଖପରାଖାଇ ଗ୍ରାମ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି। ତେଣୁ ଏହାର ସଂଶୋଧନ କରାଯାଇ ସଡକ ନିର୍ମାଣ କରାଇବା ପାଇଁ ସୋମବାର ତିହାଡିପଶି ଗ୍ରାମର ଗୋପାଳ ଚନ୍ଦ୍ର ନାଏକ, ସାଗର ଚନ୍ଦ୍ର ନାଏକ,ମଦନ ମୋହନ ଲୋହାର,ରତ୍ନାକର ନାଏକ ଓ ଯାଦବ ନାଏକଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଜିଲାପାଳ ତୁରନ୍ତ ଏହାର ସମାଧାନ ପାଇଁ ସଦର ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଶିଶୁକନ୍ୟା ବେକରୁ ସୁନା ଲକେଟ ଚୋରି ଘଟଣା: ୩ ଗିରଫ

ଅସ୍ତରଙ୍ଗ(ମହାଭାରତ): ଦିନକୁ ଦିନ ପକେଟମାର, ଚୋରୀ, ଡକାୟତି ଆମ ରାଜ୍ୟ ରେ ବୃଦ୍ଧି ପାଇବାକୁ ଲାଗିଛି, ବିଶେଷ କରି ଯାନିଯାତ୍ରା ସମୟ ରେ ଏହି ଘଟଣା ଗୁଡିକ ଜନଗହଳି ପୂର୍ଣ୍ଣ ସ୍ଥାନରେ ସାମ୍ନା କୁ ଆସେ ମାତ୍ର ଏହି ଭଳି ଏକ ଘଟଣା ୫ ତାରିଖ ରବିବାର ସନ୍ଧ୍ୟା ୭ ଘଟିକା ୩୦ ମିନିଟ ସମୟ ରେ ଅସ୍ତରଙ୍ଗ ର ବ୍ଲକ ପଡିଆ ଦୁର୍ଗାକ୍ଲବ ଆନୁକୂଲ୍ୟରେ ହେଉଥିବା ମିନାବଜାର ରେ ଘଟିଛି, ଅସ୍ତରଙ୍ଗ ଅ□ଳ ବରପଦା ଗ୍ରାମ ର ବିନ୍ଦୁ ସାଗର ସ୍ୱାଇଁ ଯିଏ ତାଙ୍କର ଦୁଇ ଜଣ ନାବାଳିକା ଝିଅ ଙ୍କୁ ଧରି ଦୁର୍ଗା କ୍ଲବ ର ଦୁର୍ଗା ପୂଜା ବୁଲିବା ସହ ବ୍ଲକ ପଡିଆ ରେ ମିନା ବଜାର ବୁଲୁଥିଲେ। ସେହି ସମୟ ରେ ହଟାତ ତାଙ୍କ ୪ ବର୍ଷ ର ସାନ ଝିଅ ଜୋରେ ଚିତ୍କାର କରିବାକୁ ଲାଗିଲା। ବିନ୍ଦୁ ଦେଖିଲେ ଯେ ତାଙ୍କ ସାନ ଝିଅ ବେକ ସାମାନ୍ୟ ଆହତ ହୋଇଛି । ବେକ ରେ କଳାଫିତା ରେ ଲାଗିଥିବା ଏକ ସୁନା ଲକେଟ ଗାୟବ ହୋଇଯାଇଛି ।ସେହି ସମୟ ରେ ଉକ୍ତ ଝିଅ ଜଣେ ସନ୍ଦିଗ୍ଧ ମହିଳା ଙ୍କୁ ଇଙ୍ଗିତ କରିବାରୁ ଘଟଣା ସ୍ଥଳରେ ବିନ୍ଦୁ ସାଗର ଓ ଦୁର୍ଗା କ୍ଲବ ର ସଦସ୍ୟ ମାନେ ଉକ୍ତ ମହିଳା ଙ୍କୁ ଅଟକାଇ ଥିଲେ। ସେହି ସମୟ ରେ ମହିଳା ଜଣଙ୍କ ଉକ୍ତ ସୁନା ଲକେଟ କୁ ଜଣେ ପୁରୁଷ କୁ ଦେଇଥିଲେ ଓ ଆଉ ଜଣେ ମହିଳା ମଧ୍ୟ ସେଠି ତାଙ୍କ ସହ ଥିଲେ। ସେମାନେ ଲୁକ୍କାୟିତ ଅବସ୍ଥା ରେ ରଖିଦେଇଥିଲ, ଏହାପରେ ଉକ୍ତ ୩ ଜଣ ଯଥା ଜଣେ ପୁରୁଷ ଓ ୨ ମହିଳା ଙ୍କ ଉପରେ ସନ୍ଦେହ ହେବାରୁ ନିକଟରେ ଅସ୍ତରଙ୍ଗ ଥାନା ରେ ସେମାନଙ୍କୁ ଜିମା ଦେଇଥିଲେ। ଯେଉଁ ଘଟଣା କୁ ନେଇ ବିନ୍ଦୁ ସାଗର ସ୍ୱାଇଁ ଅସ୍ତରଙ୍ଗ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପରେ ଅସ୍ତରଙ୍ଗ ଥାନା ତରଫରୁ ୨୦୬/୨୫ ରେ ଏକ ମାମଲା ରୁ କରାଯାଇ ଘଟଣା ସ୍ଥଳରେ ଯାଞ୍ଚ କରାଯାଇ ସେମାନଙ୍କୁ ସର୍ଚ୍ଚ କରିବା ପରେ ନିକଟରୁ ଭଙ୍ଗା ବ୍ଲେଡ କଳାଫିତା ସହ ସୁନା ଲକେଟ ଜବତ କରାଯାଇଥିଲା।

## ନଭେମ୍ବର ୫ ରୁ ଆରମ୍ଭ ହେବ ବୈରାଟପୁର ପ୍ରିମିଅର ଲିଗ

ଉଦଳା, ( ମହାଭାରତ) - ଆଇପିଏଲ ଢାଞ୍ଚା ରେ ଚଳିତ ବର୍ଷ ଆରମ୍ଭ ହେବ ବୈରାଟପୁର ପ୍ରିମିଅର ଲିଗ ୨୦୨୫ ସଂସ୍କରଣ । ଉଦଳା ବ୍ଲକ ଅନ୍ତର୍ଗତ ବୈରାଟପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ୨୦୨୫ ପାଇଁ ନଭେମ୍ବର ମାସ ୫ ତାରିଖ ରୁ ବୈରାଟପୁର କ୍ରିକେଟ ଫିଲଡ ଠାରେ ଆରମ୍ଭ ହେବ ବୈରାଟପୁର ପ୍ରିମିଅର ଲିଗ ୨୦୨୫ ।ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାଇ ଆଜି ପ୍ରିମିଅର ଲିଗ ପାଇଁ ଚୂଡାନ୍ତ ବୈଠକ ବୈରାଟପୁର କିରିକିଟିଆ କୋମ୍ୟୁନିଟି ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ପ୍ରିମିଅର ଲିଗ ପାଇଁ ଖେଳାଳି ନୀଲାମି ପ୍ରକ୍ରିୟା ଆସନ୍ତା ୧୯ ତାରିଖ ରେ ବୈରାଟପୁର ହାଇସ୍କୁଲ ଠାରେ ଅନୁଷ୍ଠିତ ହେବ । ଏହି ପ୍ରିମିଓର ଲିଗ ରେ ଉଦଳା ବ୍ଲକ ର ୧୨ ଗୋଟି ପଞ୍ଚାୟତ ର ଗ୍ରାମାଞ୍ଚଳ ଖେଳାଳି ମାନେ ଖେଳିବା ସହ ଯିବିନଗର ବ୍ଲକ ରୁ ୬ଗୋଟି ପଞ୍ଚାୟତ ର ଖେଳାଳି ମାନେ ଅଂଶ ଗ୍ରହଣ କରିବା ନେଇ ସୂଚନା ଦିଆଯାଇଛି । ତେବେ ଏହି ପ୍ରିମିଅର ଲିଗ ରେ ମୋଟ ୬ ଗୋଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ମୋଟ ୧୧ଦିନ ଧରି ଏହି ପ୍ରିମିଅର ଲିଗ ଚାଲିବା ନେଇ ବୈରାଟପୁର କ୍ରିକେଟ କ୍ଲବ ପଖରୁ ସୂଚନା ଦିଆଯାଇଛି ।ତେବେ ଆଜି ଶେଷ ପର୍ଯ୍ୟାୟ ବୈଠକ ରେ ୬ ଗୋଟି ଦଳ ର ମାଲିକ ଙ୍କ ସମେତ ଟିମ ର ଆଇକୋନ ଖେଳାଳି ଙ୍କ ନାମ ଘୋଷଣା କରିବା ସହ ଟିମ ର ନାମ ମଧ୍ୟ କମିଟି କୁ ଦାଖଲ କରିଥିଲେ । ତେବେ ଗ୍ରାମାଞ୍ଚଳ ର ଖେଳାଳି ମାନଙ୍କ ବିକାଶ ତଥା ବ୍ଲକ ର ଯୁବକ ଙ୍କ ଭିତରେ ଏକ ଖେଳୁଆଡ଼ ମନ ଭାବ ପାଇଁ ଏହି ପ୍ରିମିଓର ଲିଗ ଅନୁଷ୍ଠିତ କରାଯାଉଛି ବୋଲି ପ୍ରିମିଓର ଲିଗ ର ସମ୍ପାଦକ ଗୋଲୋକ ମହାପାତ୍ର ସୂଚନା ଦେଇଛନ୍ତି । ଆଜିର ଏହି ଚୂଡାନ୍ତ ବୈଠକ ରେ ଖେଳାଳି ନିଲାମୀ ଠୁ ଆରମ୍ଭ କରି ସମସ୍ତ ପ୍ରକାର ର ବିଷୟ ବସ୍ତୁ ଉପରେ ଆଲୋଚନା କରାଯିବା ସହ ଶାନ୍ତି ଶୃଙ୍ଖଳା ସହ କେମିତି ଏହି ପ୍ରିମିଓର ଲିଗ କୁ ସମାପ୍ତ କରାଯିବ ସେଥି ନେଇ ଏକ ରୋଡ଼ ମ୍ୟାପ କରାଯାଇଥିଲା ବୋଲି ପ୍ରିମିଓର ଲିଗ ର ସଭାପତି ଅର୍ମଜିତ ତ୍ରିପାଠୀ ସୂଚନା ଦେଇଥିଲେ ।

## ୭୧ତମ ବନଖଣ୍ଡସ୍ତରୀୟ ଜାତୀୟ ବନ୍ୟପ୍ରାଣୀ ସପ୍ତାହ -୨୦୨୫ ପାଳନ



ରାୟଗଡା(ମହାଭାରତ): ୭୧ତମ ବନଖଣ୍ଡ ସ୍ତରୀୟ ଜାତୀୟ ବନ୍ୟପ୍ରାଣୀ ସପ୍ତାହ - ୨୦୨୫ ରାୟଗଡ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟଳୟ ରେ ପାଳନ କରାଯାଇଅଛି । ।ସ ଆମେ ସବୁ ଶପଥ ନେବା - ବନ୍ୟପ୍ରାଣୀ ଙ୍କୁ ସୁରକ୍ଷା ଦେବା ଏହି ବର୍ଷ ର ମୁଖ୍ୟ ଶୀର୍ଷକ ବିଷୟ ଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଗୌରାଙ୍ଗ ରାଉତ, ବନ-ଦ୍ୱତାବଧାରକ ମଞ୍ଚାସୀନ ଥିଲେ ଓ ତାଙ୍କ ଅଭିଭାଷଣ ରେ ଜଙ୍ଗଲ ସୁରକ୍ଷା ସହ ବନ୍ୟପ୍ରାଣୀ ଙ୍କ ସୁରକ୍ଷା କିପରି କରିବା ତାହା ଉପରେ ସେ ଆଲୋକପାତ କରିଥିଲେ । ଏହାପରେ ମଞ୍ଚାସୀନ ଉପ ବନ ସଂରକ୍ଷକ ଶ୍ରୀ ଅଶୋକ କୁମାର ପ୍ରଧାନ ଓ ଉପ ବନ ସଂରକ୍ଷକ ଶ୍ରୀ ସଂଦୀପ କୁମାର ପୁଷ୍ଟି ନିଜ ଅଭିଭାଷଣ ରେ ନିରୀହ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ କି କି ପ୍ରକାର ପଦେକ୍ଷେପ ନିଆଯିବା ଉଚିତ ତାହା ଉପରେ ଆଲୋକପାତ କରିଥିଲେ। ବନଖଣ୍ଡ ଅଧିକାରୀ ଶ୍ରୀ ସଚିନ ଆୱା ସାହେବ ଓହୋଲ ତାଙ୍କ ଅଭିଭାଷଣ ରେ ଜଙ୍ଗଲ ସୁରକ୍ଷା ମାନବ ସମାଜ ର ଦାଇ ହେବ ଉଚିତ କହିଥିଲେ ।ଜଙ୍ଗଲ କମିବା ଓ ଜଙ୍ଗଲ ନିଆଁ ଦ୍ୱାରା ବନ୍ୟଜନ୍ତୁ ଗ୍ରାମ୍ୟ ମୁଖା ହେବେ ତେଣୁ ତାହାକୁ ନିୟନ୍ତ୍ରଣ କରିବାକୁ ହେଲେ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ହେବ ଓ ଉପସ୍ଥିତ ଜଙ୍ଗଲ କୁ ସୁରକ୍ଷା ଦେବାକୁ ସମସ୍ତ ଜନସାଧାରଣ ଙ୍କୁ ଅନୁରୋଧ କରିଥିଲେ । ବିଗତ ଦିନମାନଙ୍କରେ ରାୟଗଡା ବନଖଣ୍ଡ ର ୭ ଗୋଟି ବନାଞ୍ଚଳ ରେ ବନାଞ୍ଚଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଏଥିରେ କନିଷ୍ଠ ବର୍ଗ ( ୫ ମ ଠାରୁ ୭ ମ ଶ୍ରେଣୀ) ର ଛାତ୍ର ଛାତ୍ରୀ ଙ୍କ ସକାଶେ ହାତୀ ସହିତ ରହିବା ଓ ବରିଷ୍ଠ ବର୍ଗ (୮ ମ ଠାରୁ ୧୦ ମ ଶ୍ରେଣୀ ) ର ଛାତ୍ର ଛାତ୍ରୀ ଙ୍କ ସକାଶେ ଓଡ଼ିଶା ର ଜଳଚର ପ୍ରାଣୀ ଚିତ୍ରାଙ୍କନ ପ୍ରତିଯୋଗିତା ର ବିଷୟ ଥିଲା। । ଏହି ବନଖଣ୍ଡ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରେ ନିମ୍ନ ଲିଖିତ ଉତ୍ତୀର୍ଣ୍ଣ ଛାତ୍ର ଓ ଛାତ୍ରୀ ଙ୍କୁ ଉପସ୍ଥିତ ଅତିଥି ମାନେ ଟ୍ରୋଫି ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ବିଭାଗୀୟ ପ୍ରାଣୀ ଚିକିତ୍ସକ କଳାବ୍ୟାଜ ପିନ୍ଧି କାର୍ଯ୍ୟ ରତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ର ସମସ୍ତ ବିଭାଗୀୟ ପ୍ରାଣୀ ଚିକିତ୍ସକ ଦୀର୍ଘ ୪୦ ଦିନରୁ ଊର୍ଦ୍ଧ୍ୱ ଧରି କଳା ବ୍ୟାଜ ପିନ୍ଧି ଶାନ୍ତି ଗତ ଭାବେ କାର୍ଯ୍ୟରତ ଅଛନ୍ତି ।ସରକାର ପ୍ରାଣୀ ସମ୍ପଦକୁ ଅଗ୍ରାଧିକାର ଦେଉଛନ୍ତି ।କିନ୍ତୁ ଚିକିତ୍ସା ପାଇଁ ନା ଅଛି ଭିତ୍ତିଭୂମି ନା ଅଛି ଚିକିତ୍ସକ ।ପ୍ରାୟ ୫୦ ବର୍ଷ ହେବ ଚିକିତ୍ସା କ୍ଷେତ୍ରରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯେତିକି ଟଙ୍କା ଖର୍ଚ୍ଚ କରୁଛନ୍ତି ।ତାର ୧୦ ପ୍ରତିଶତ ବି ପ୍ରାଣୀଚିକିତ୍ସା କ୍ଷେତ୍ରରେ ଖର୍ଚ୍ଚ କରୁନାହାନ୍ତି ଚିକିତ୍ସା ପାଇଁ ଆବଶ୍ୟକତା ଅନୁସାରେ ପ୍ରାଣୀ ଚିକିତ୍ସକ ନାହାନ୍ତି ।ପ୍ରାଣୀ ସମ୍ପଦ ନିରୀକ୍ଷକଙ୍କ ସହ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଘୋର ଅଭାବ ରହିଛି ।ପ୍ରାଣୀ ଚିକିତ୍ସକଙ୍କ ଦରମା ଅସଙ୍ଗତି ସାଙ୍ଗକୁ କେନ୍ଦ୍ରୀୟ ହାରରେ ପଦୋନ୍ନତି ଡି ଏ ସି ପି ଏବଂ ଏନ୍ ପି ଏ ରେ ଆଖିଦୃଶିଆ କାର୍ଯ୍ୟ ପନ୍ଥା ଗ୍ରହଣ କରାଯାଉନାହିଁ ।ଉପରୋକ୍ତ ବିଭିନ୍ନ ଦାବୀ ନେଇ ଗତ ଅଗଷ୍ଟ ୨୫ ତାରିଖ ରୁ ଆଜି ଯାଏ ଦୀର୍ଘ ୪୧ ଦିନ ଧରି ରାଜ୍ୟ ପ୍ରାଣୀ ଚିକିତ୍ସକ ସଙ୍ଘ କଳା ବ୍ୟାଜ ପିନ୍ଧି ଚିକିତ୍ସା ସେବାରେ ଯୋଗାଇବା ସହିତ ସରକାରୀ ସ୍ତରରେ ବିଭାଗୀୟ ଉପରସ୍ତ ଅଧିକାରୀଙ୍କୁ ଅବଗତ କରାଯାଇଛି। ତଥାପି ସରକାର ଙ୍କ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ।ଧାନ ଚାଷ ପରେ ସର୍ବାଧିକ ଗୁରୁତ୍ୱ ପ୍ରାଣୀ ପାଳନ ଉପରେ ଦିଆଯାଉଛି ।ଗ୍ରାମା□ଳରେ ଅନେକ ଗରିବ ଶ୍ରେଣୀର ଲୋକ ଗାଈ ଗୋରୁ ଛେଳି ମେଣ୍ଢା ସହିତ କୁକୁଡ଼ା ପାଳନ କରି ନିଜ ଜିବିକାର୍ଜନୟ କରୁଥିବା ବେଳେ ଏବେ ଅନେକ ଫାର୍ମ କରି ଗୁଜୁରାଣ ମେଣ୍ଟାଉଛନ୍ତି। ହେଲେ ସୀମିତ ପ୍ରାଣୀ ଚିକିତ୍ସାଳୟ ଥିବା ବେଳେ କାର୍ଯ୍ୟ ରତ ପ୍ରାଣୀ ଚିକିତ୍ସକଙ୍କ ଅଭାବ ଯୋଗୁଁ ସଠିକ ଭାବେ ଚିକିତ୍ସା ସେବା ମିଳୁନାହିଁ ।ପୁରୁଣା ପଦ୍ଧତିରେ ଚାଲିଛି ଚିକିତ୍ସା ।ଆଧୁନିକ ଚିକିତ୍ସା ପଦ୍ଧତି ଅବା ଅତ୍ୟାଧୁନିକ ମେସିନ ଏ ପର୍ଯ୍ୟନ୍ତ ପ୍ରାଣୀ ସେବାରେ ସାମିଲ କରାଯାଇନାହିଁୟଏହା ଛଡ଼ା ପ୍ରାଣୀ ଚିକିତ୍ସକଙ୍କ ସଂଖ୍ୟା କମ ଥିବାବେଳେ ଦୀର୍ଘ ୨୨-୨୩ ବର୍ଷ ସେମାନଙ୍କୁ ଗୋଟିଏ ଦରମା ହାର ରେ କାର୍ଯ୍ୟ କରିବାକୁ ପଡୁଛି ।ପାଖାପାଖି ୪୦% ଅଧିନସ୍ଥ କର୍ମଚାରୀ ପଦବୀ ମଧ୍ୟ ଖାଲି ପଡ଼ିଛି ।ଯାହାକି ପ୍ରାଣୀ ଚିକିତ୍ସକଙ୍କୁ ଅଧିକ ଚାପଗ୍ରସ୍ତ କରିଛି ।ଦୀର୍ଘ ତିନି ବର୍ଷରୁ ଔଷଧର ଅଭାବୀ ଯୋଗାଣ ଯୋଗୁଁ ପ୍ରାଣୀ ଚିକିତ୍ସୟସେବା ବହୁତ ମାତ୍ରାରେ ବାଧାପ୍ରାପ୍ତ ହେଉଛି। ଏତଦବ୍ୟତୀତ କୌଣସି ଯଥାର୍ଥ ସମୟ ନିଘ□ ସୀମା କିମ୍ବା ଡ୍ୟୁଟି ତାଲିକା ନ ଥିବା ଯୋଗୁଁ ପ୍ରାଣୀ ଚିକିତ୍ସକଙ୍କୁ ୨୪/ ୭ ଘଣ୍ଟା କାମ କରିବାକୁ ବାଧ ହେଉଛନ୍ତି। ସେଥିପାଇଁ ପ୍ରାଣୀ ପାଳନ ବିଭାଗ ର ସମ୍ପୁର୍ଣ୍ଣ ରୂପାନ୍ତରଣ ସହ ଆବଶ୍ୟକ କ୍ୟାଡର ପୁନଃଗଠନ ପାଇଁ ସଙ୍ଘ ଦାବୀ କରିଛି ।ଉପରୋକ୍ତ ସମସ୍ୟା ଗୁଡିକ ଉପରେ ଦୃଷ୍ଟି ଗୋଚର କରି ସରକାର ଯଥାଶୀଘ୍ର ଆଲୋଚନା ପୂର୍ବକ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ରେ ଉପନୀତ ହେଲେ ବୋଲି ସଙ୍ଘ ଆଶା କରୁଛି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତା, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀ କେ.ନାଗାରାଜୁ,ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି, କତଳକଇଠା,ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୫୭ ଗୋଟି ଅଭିଯୋଗ ଥାଏ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୭ ଗୋଟି,ଗ୍ରାମ ଭତ୍ତିକ ସମସ୍ୟା -୨୧ ଗୋଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

# ସରକାରୀ ସହାୟତା ଅପେକ୍ଷାରେ ମୁଖ କର୍କଟ ପୀଡ଼ିତା ମହିଳା

## କାଗଜପତ୍ର ନ ଥିବାରୁ ମିଳୁନି ବିଧବା ଭତ୍ତା

କନ୍ଧମାଳ(ମହାଭାରତ): ସରକାରୀ ସହାୟତା ଅପେକ୍ଷାରେ ମୁଖ କର୍କଟ ପୀଡ଼ିତ ଅସହାୟ ବିଧବା ମହିଳା । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ସୁମେରୁ ବନ୍ଧ ପ□ାୟତ ୯ ନମ୍ବର ୱାର୍ଡ ସୁମେରୁ ବନ୍ଧ ଗାଁର ୩୮ ବର୍ଷୀୟ ମହିଳା ସବିତା ମଲ୍ଲିକ । ଯିଏ ଅସହାୟ ଅବସ୍ଥାରେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ।୫ ବର୍ଷରୁ ଧରି ସେ କ୍ୟାନସରରେ ପୀଡ଼ିତ ଥିବା ବେଳେ ୨ ବର୍ଷରୁ ଅଧିକ ହେବ ଗାଲରେ ଘା' ହୋଇ ଅହରହ ପାଣି ଝରୁଛି । ଅର୍ଥ ଅଭାବରୁ ନିଜର ଚିକିତ୍ସା କରିବା ଅସମ୍ଭବ ହୋଇ ପଡ଼ିଛି ।ବୋଝ ଉପରେ ନଳିତା ବିଡ଼ା ପରି ପାଖରେ କେହି ନଥିବା ବେଳେ ସ୍ୱାମୀ ସୁକା ମଲ୍ଲିକ ଗତ ଦୁଇ ବର୍ଷ ହେବ ଆରପାରିକୁ ଚାଲି ଗଲେଣି । ପରିବାରରେ ବର୍ତ୍ତମାନ ଦୁଇ ପୁଅ ଓ ଦୁଇ ଝିଅକୁ ନେଇଁ ବଡ଼ କଷ୍ଟରେ ପା□ ପ୍ରାଣୀ କୁଟୁମ୍ବ ଚଳୁଛନ୍ତି । କୌଣସି କାମ କରିବାକୁ ସେ ସକ୍ଷମ ନଥିବାରୁ ଏକୁଟିଆ ପରିବାର ପୋଷିବା ତାଙ୍କ ପକ୍ଷେ ଅସମ୍ଭବ ହୋଇ ପଡ଼ିଛି ।ବତର୍ତ୍ତମାନ ବଡ଼ ପୁଅ ଶାନ୍ତନୁ ମଲ୍ଲିକକୁ ୧୭ ବର୍ଷ ହୋଇଥିବା ବେଳେ ଝିଅ ଝୁଲି ମଲ୍ଲିକକୁ ୧୩ ଓ ମଝିଆ ପୁଅ ପ୍ରଫୁଲ୍ଲ ମଲ୍ଲିକକୁ ୮ ବର୍ଷ ଏବଂ ସାନ ଝିଅ ଜିଲି ମଲ୍ଲିକକୁ ୪ ବର୍ଷ । ସୁମେରୁ ବନ୍ଧ ପ□ାୟତ ଏବଂ ଗାଁର ବାସିନ୍ଦା ହେଲେ ଆଜି ପର୍ଯ୍ୟନ୍ତ ତାଙ୍କର ଘର ଖଣ୍ଡିଏ ନାହିଁ କି ପଟ୍ଟା ମଧ୍ୟ ହୋଇନାହିଁ । ଗତ ୨ ବର୍ଷ ହେବ ସ୍ୱାମୀ ସୁକା ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାଗଜପତ୍ର ଓ ପ୍ରମାଣପତ୍ର ନଥିବାରୁ ବିଧବା ଭତ୍ତାଟିଏ ବି ହୋଇପାରିନି । ଯାହା ଫଳରେ ସବିତା କୌଣସି ସରକାରୀ ସୁବିଧା ନ ପାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ତାଙ୍କର ଆଧାର କାର୍ଡ, ଜମିପଟ୍ଟା କି କୌଣସି କାଗଜପତ୍ର ନଥିବାରୁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ଏବଂ ଫିରିଙ୍ଗିଆ ଜନ୍ମ ମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟକୁ ଧାଇଁ ଧାଇଁ କୋଡ଼ିଏରୁ ପଚିଶ ହଜାର ଖର୍ଚ୍ଚ କରିସାରିଲେଣି । ତଥାପି କୌଣସି ସହାୟତା ମିଳିନଥିବା କହିଛନ୍ତି ସବିତା । ସରକାରଙ୍କ ତରଫରୁ କେବଳ ରାସନ କାର୍ଡଟିଏ ମିଳିଛି । ସେଥିରେ ପୁଣି ତାଙ୍କୁ ମାତ୍ର ୨୫ କେଜି ଚାଉଳ ମିଳୁଛି । ଯାହାକି ୫ ପ୍ରାଣୀ କୁଟୁମ୍ବ ପାଇଁ ଯଥେଷ୍ଟ ନୁହେଁ । ସ୍ୱାମୀଙ୍କ ମୃତ୍ୟୁ ପରେ ପିଲା ଛୁଆଙ୍କୁ ଦୁଇ ଓଳି ମୁଠାଏ ଦାନା ଦେବାରେ ଅସମ୍ଭବ ହୋଇ ପଡୁଥିବା କହିଛନ୍ତି ସବିତା ମଲ୍ଲିକ । ନିଜର ପଟା କିମ୍ବା ଘର ଖଣ୍ଡିଏ ନ ଥିବାରୁ ଏକ ଭଙ୍ଗା ଘରେ ଆଶ୍ରୟ ନେଇଛନ୍ତି । ଯେଉଁ ଘରେ ଆଗ ପଟୁ ପଛ ପଟ ଯାଏଁ ଭାଙ୍ଗି ରୁଜି ରହିଛି । ଗାଁ ଲୋକେ ତାଙ୍କ ପରିବାରକୁ ବେଳେ ବେଳେ ଖାଇବାକୁ ଦିଅନ୍ତି ବୋଲି ସବିତା କହିଛନ୍ତି ।ଏତେ ଅସୁବିଧା ପରେ ବି ପ୍ରଶାସନିକ ସ୍ତରରେ ଘରେ କାହାର ପାଦ ପଡ଼ିନଥିବା କହିଛନ୍ତି ନୂଆପଦର ବିଜେପି ମଣ୍ଡଳ ସଭାପତି ଦେବେଶ୍ୱର ଦୀପ ଏବଂ ପଞ୍ଚାୟତ ପ୍ରମୁଖ ଇନ୍ଦ୍ରଜିତ କହଁର ଓ ଗ୍ରାମବାସୀ । ନିଜେ ମଣ୍ଡଳ ସଭାପତି ଦେବେଶ୍ୱର ଦୀପ ସରକାରୀ କାର୍ଯ୍ୟାଳୟକୁ ଯାଇ ସମସ୍ତ ବ୍ୟବସ୍ଥା କରିବାକୁ ଜଣାଇଥିଲେ । କିନ୍ତୁ, ତାଙ୍କୁ କୌଣସି ପଦକ୍ଷେପ ନିଆଯାଇନାହିଁ ଯ ସରକାରଙ୍କ ତରଫରୁ ଚିକିତ୍ସା ପାଇଁ ଅର୍ଥ ଯୋଗାଇବା ସହ ତାଙ୍କୁ ଜମିପଟ୍ଟା ପ୍ରଦାନ ଏବଂ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି । ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରବୋଧ ପ୍ରଧାନଙ୍କୁ ଏହି ଘଟଣା ନେଇଁ ପଚାରିବାରୁ ତୁରନ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।

## ବଦଳିଲା ନିୟମ: ମତଦାନ କେନ୍ଦ୍ରକୁ ନେଇପାରିବେ ମୋବାଇଲ



ନୂଆଦିଲ୍ଲୀ: ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ହୋଇଛି । ନିର୍ବାଚନ କମିଶନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୧୧ ତାରିଖରେ ହେବ। ୧୪ ତାରିଖରେ ଭୋଟଗଣନା କରାଯିବ । ତେବେ ମୋବାଇଲକୁ ନେଇ ଥିବା ପୂର୍ବ ନିୟମ ଏଥର ବଦଳିଛି । ବାସ୍ତବରେ ଯେତେବେଳେ ଭୋଟରମାନେ ଭୋଟ ଦେବାକୁ ବୁଥ୍ ଯାଆନ୍ତି, ସେମାନେ ସବୁବେଳେ ଏକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଯଦି ସେମାନେ ସେମାନଙ୍କର ମୋବାଇଲ୍ ଫୋନ୍ ନେଇଥାନ୍ତି, ତେବେ ସେମାନଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଏନାହିଁ। ଫଳସ୍ୱରୂପ, ଭୋଟରମାନେ ପ୍ରାୟତଃ ଘରେ ସେମାନଙ୍କର ଫୋନ୍ ଛାଡ଼ି ଦିଅନ୍ତି। ତେବେ ଏଥର, ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନ ପାଇଁ ନିୟମ ପରିବର୍ତ୍ତନ କରିଛନ୍ତି। ଆସନ୍ତୁ ଜାଣିବା ଏହି ନୂତନ ନିୟମ କ'ଣ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି କହିଛନ୍ତି ଯେ ସାରା ଦେଶର ଭୋଟରମାନେ ଏବେ ଭୋଟ ଦେବା ସମୟରେ ସେମାନଙ୍କର ମୋବାଇଲ୍ ଫୋନ୍ ବୁଥ୍ ଭିତରକୁ ନେଇପାରିବେ। ଏହି ପରିବର୍ତ୍ତନ ୨୦୨୫ରେ ବିହାର ବିଧାନସଭା ନିର୍ବାଚନ ସହିତ ଆରମ୍ଭ ହେବ ଏବଂ ତା'ପରେ ଏହା ସମଗ୍ର ଭାରତରେ କାର୍ଯ୍ୟକାରୀ ହେବ। ସେ କହିଛନ୍ତି ଯେ ନିର୍ବାଚନ କମିଶନ ଏଥର ମୋଟ ୧୭ଟି ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି, ଯାହା ମଧ୍ୟରୁ ଗୋଟିଏ ମୋବାଇଲ୍ ଫୋନ୍ ସୁବିଧା ସହିତ ଜଡିତ। ପୂର୍ବରୁ, ଭୋଟ ଦେବା ପୂର୍ବରୁ ଭୋଟରମାନଙ୍କୁ ବାହାରେ ମୋବାଇଲ୍ ଫୋନ୍ ରଖିବାକୁ ବାଧ୍ୟ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଅସୁବିଧାକୁ ଏଡାଇବା ପାଇଁ କମିଶନ ମତଦାନ କେନ୍ଦ୍ରରେ ମୋବାଇଲ୍ ଫୋନ୍ ରଖିବା ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭୋଟରଙ୍କ ସୁବିଧା ପାଇଁ ଏହି ପଦକ୍ଷେପ ନିଆଯାଇଛି। ତଥାପି, ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଭୋଟ ପ୍ରକ୍ରିୟା ସମୟରେ ମୋବାଇଲ୍ ଫୋନ୍ ଅନୁମତି ଦିଆଯିବ ନାହିଁ। ଭୋଟରମାନେ ସେମାନଙ୍କ ଫୋନ୍ ସାଙ୍ଗରେ ନେଇପାରିବେ, କିନ୍ତୁ ଭୋଟ ଦେବା ସମୟରେ କିମ୍ବା ଗୋପନୀୟ କ୍ଷେତ୍ରରେ ଏହାର ବ୍ୟବହାର କଡ଼ାକଡ଼ି ନିଷିଦ୍ଧ ହେବ। ନିର୍ବାଚନ କମିଶନ ଏହା ମଧ୍ୟ କହିଛନ୍ତି ଯେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ମୋବାଇଲ୍ ଫୋନ୍ ରଖିବା ପାଇଁ ସୁରକ୍ଷିତ ବାକ୍ସ ଯୋଗାଇ ଦିଆଯିବ। ଏହା ନିଶ୍ଚିତ କରିବ ଯେ ଭୋଟରମାନେ ସେମାନଙ୍କର ଫୋନ୍ ହଜିବା ଏବଂ ଅସୁବିଧା ବିଷୟରେ ଚିନ୍ତା କରିବେ ନାହିଁ।

## ଶୁଣିରଖ ତେଜସ୍ୱୀ, ଖୋଲା ଚ୍ୟାଲେଞ୍ଜ ଦେଲେ ଓୱେସି



ନୂଆଦିଲ୍ଲୀ: ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ହୋଇଛି । ନିର୍ବାଚନ କମିଶନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୧୧ ତାରିଖରେ ହେବ। ୧୪ ତାରିଖରେ ଭୋଟଗଣନା କରାଯିବ। ତେବେ ବିହାରରେ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି। ଅସଦୁଦ୍ଦିନ ଓୱେସିଙ୍କ ଦଳ (ଏଆଇଏମଆଇଏମ) କହିଛି ଯେ ମହାଗଠବନ୍ଧନ ସହିତ ମେଣ୍ଟ କରି ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଲଢ଼ିବାକୁ ଚାହୁଁଥିଲୁ, କିନ୍ତୁ ଆରଜେଡିଠାରୁ ସବୁଜ ସଙ୍କେତ ପାଇନାହୁଁ। ଏହି ପରିପ୍ରେକ୍ଷୀରେ, ଅସଦୁଦ୍ଦିନ ଓୱେସି ଆଜି ଦରଭଙ୍ଗାରେ ଆୟୋଜିତ ଏକ ରାଲିରେ ତେଜସ୍ୱୀ ଯାଦବ ଏବଂ ଆରଜେଡି ଉପରେ କଠୋର ଆକ୍ରମଣ କରିଥିଲେ। ସାଂସଦ ଅସଦୁଦ୍ଦିନ ଓୱେସି କହିଛନ୍ତି, 'ତେଜସ୍ୱୀ ଯାଦବ କହିଥିଲେ ଯେ ତାଙ୍କ ବାପା ଚିଠି ପାଇଥିବେ, ସେ ଚିଠି ପାଇଁନାହାନ୍ତି । ତେଣୁ ଆମେ ତାଙ୍କୁ ମଧ୍ୟ ଚିଠି ଲେଖିବାକୁ କହିଥିଲୁ। ଅଖତାରୁଲ ଇମାନ ଚିଠି ଲେଖିଥିଲେ ଏବଂ ଡ୍ରମ୍ ବଜାଇ ତାଙ୍କ ଘରକୁ ଯାଇ ଏହାକୁ ପହଞ୍ଚାଇ କହିଲେ, 'କାନ ଖୋଲି ଶୁଣ, ଆମେ ଦେଉଛୁ।'' ଅସଦୁଦ୍ଦିନ ଓୱେସି ଆହୁରି କହିଛନ୍ତି, 'ଅଖତାରୁଲ ଇମାନ (ଏଆଇଏମଆଇଏମର ବିହାର ରାଜ୍ୟ ସଭାପତି) ଚିଠିରେ ଯାହା ଲେଖିଥିଲେ ଯେ ଆମକୁ ଛଅଟି ଆସନ ଦିଅ। ସେ ଏହା ମଧ୍ୟ ଲେଖିଥିଲେ ଯେ ଯଦି ଆପଣ (ତେଜସ୍ୱୀ ଯାଦବ) ମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ଆମେ ମନ୍ତ୍ରୀ ପଦ ଚାହୁଁନାହୁଁ। ଆପଣ ନିଜେ ନିଷ୍ପତ୍ତି ନିଅନ୍ତୁ ଯେ ମୁଁ ଏଥିରୁ କ'ଣ ଲାଭ ପାଇବି... ଏଥିରୁ କ'ଣ ଲାଭ ପାଇବି।' ଆରଜେଡି ଉପରେ ଆକ୍ରମଣ କରି ଏଆଇଏମଆଇଏମର ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି, 'ଆମ ଏବଂ ସେମାନଙ୍କ ମଧ୍ୟରେ କେବଳ ଗୋଟିଏ ପାର୍ଥକ୍ୟ ଅଛି, ଆମେ କହୁଛୁ ଯେ ଆମେ ଏହା ଚାହୁଁଛୁ କିନ୍ତୁ ଏହା ପରେ ମଧ୍ୟ ସେମାନେ କଥା ହେବାକୁ ପ୍ରସ୍ତୁତ ନୁହଁନ୍ତି । ତେଣୁ ବିହାରର ଲୋକମାନେ ଜାଣିସାରିଛନ୍ତି ଯେ କିଏ ପୁଣି ମୋଦୀ-ନୀତୀଶ ସରକାର ଗଠନକୁ ରୋକିବାକୁ ଚାହୁଁଛି ଏବଂ କିଏ ଆଣିବାକୁ ଚାହୁଁଛି। ତେଜସ୍ୱୀ ଶୁଣନ୍ତୁ... ଆରଜେଡି ନେତାଗଣ ଶୁଣନ୍ତୁ, ଆମେ ଆପଣଙ୍କୁ କହୁଛୁ ଯେ ଆପଣଙ୍କର ମୂର୍ଖତା ଆପଣଙ୍କୁ କ୍ଷତି କରିବ। ଆପଣଙ୍କର ଗର୍ବ ଆପଣଙ୍କୁ ଦୁର୍ବଳ କରିବ। ଆପଣ ଭାବନ୍ତି ଯେ ଆପଣ ସବୁକିଛି କରିପାରିବେ... ଆପଣ କରିପାରିବେ ନାହିଁ। ଯଦି ଆପଣ ବିହାରରେ ବିଜେପିକୁ ରୋକିବାକୁ ଚାହାଁନ୍ତି, ଯଦି ଆପଣ ବିହାରରେ ବିଜେପି ଏବଂ ନୀତିଶ କୁମାରଙ୍କ ସରକାରକୁ ପୁଣି ଥରେ ଗଠନ କରିବାରୁ ରୋକିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଓୱେସି ଏବଂ ଅଖତାରୁଲ ଇମାନଙ୍କ ହାତ ଧରିବାକୁ ପଡିବ।'

## ଇସ୍ରାଏଲ-ହମାସଙ୍କ ଯୁଦ୍ଧବିରତିକୁ ନେଇ ମନ୍ତବ୍ୟ ଦେଲେ ଟ୍ରମ୍ପ, ଦ୍ରୁତ ଗତିରେ ଆଗକୁ ବଢିବାକୁ ଦେଲେ ଚେତାବନୀ



ୱାଶିଂଟନ୍ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଅର୍ଥାତ୍ ଆଜି ଇସ୍ରାଏଲ ଏବଂ ହମାସକୁ ଶାନ୍ତି ଯୋଜନାରେ ତୀବ୍ରବେଗରେ ଆଗକୁ ବଢିବାକୁ ଅନୁରୋଧ କରିଛନ୍ତି । ଏହା ବ୍ୟତୀତ ଏଥିରେ ବିଳମ୍ବ କଲେ ରକ୍ତପାତ ହେବ ବୋଲି ମଧ୍ୟ ସେ ଚେତାବନୀ ଦେଇଛନ୍ତି । ଆଜି ମିଶରରେ ଇସ୍ରାଏଲ ଏବଂ ହମାସ ଯୁଦ୍ଧବିରତିକୁ ନେଇ ଆଲୋଚନା କରିବାକୁ ଯାଉଥିଲାବେଳେ ତାଙ୍କର ଏହି ମନ୍ତବ୍ୟ ଶୁଣିବାକୁ ମିଳିଛି । ଏହାରି ମଧ୍ୟରେ ଟ୍ରମ୍ପ ତାଙ୍କର ଏକ ପୋଷ୍ଟରେ କହିଛନ୍ତି ଯେ, ''ହମାସ ଏବଂ ବିଶ୍ୱର ବିଭିନ୍ନ ଦେଶ ସହିତ ବନ୍ଧକମାନଙ୍କୁ ମୁକ୍ତ କରିବା ଏବଂ ଯୁଦ୍ଧବିରତି ବିଷୟରେ ସକାରାତ୍ମକ ଆଲୋଚନା କରିଛୁ।'' ଏହା ଛଡ଼ା ସେ କହିଛନ୍ତି ଯେ ଏହି ଆଲୋଚନା ସଫଳ ହେବା ସହିତ ଦ୍ରୁତ ଗତିରେ ଆଗକୁ ବଢୁଛି । ଶେଷ ବିବରଣୀ ସ୍ପଷ୍ଟ କରିବା ପାଇଁ ମିଶରରେ ବୈଠକ କରାଯିବ । ଅନ୍ୟପଟେ ଏହି ଆଲୋଚନା ସଫଳ ରହି ଦ୍ରୁତ ଗତିରେ ଆଗେଇ ଚାଲିଛି । ପ୍ରଥମ ପର୍ଯ୍ୟାୟ ଏହି ସପ୍ତାହରେ ସମାପ୍ତ ହେବା ଉଚିତ ବୋଲି ମଧ୍ୟ କହିଛନ୍ତି । ଯାହା ଉପରେ ସେ ନଜର ରଖିବେ । ଯଦି ହମାସ ଗାଜା ଷ୍ଟ୍ରିପ୍ ପାଇଁ ପ୍ରସ୍ତାବିତ ଶାନ୍ତି ଚୁକ୍ତିରେ ରାଜି ନହୁଏ, ତେବେ ଏହା ଅଧିକ ଆକ୍ରମଣର ସମ୍ମୁଖୀନ ହେବ। ଗାଜା ଷ୍ଟ୍ରିପ୍ ରେ ଶାନ୍ତି ଫେରାଇ ଆଣିବା ପାଇଁ ଟ୍ରମ୍ପଙ୍କ ଯୋଜନାକୁ ଇସ୍ରାଏଲ ଏବଂ ହମାସ ଉଭୟ ଗ୍ରହଣ କରିଛନ୍ତି । ଏହା ବ୍ୟତୀତ ହମାସର ସମ୍ମତି ମିଳିବା ପରେ ଟ୍ରମ୍ପ ଇସ୍ରାଏଲକୁ ବୋମା ମାଡ଼ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ହମାସର ବରିଷ୍ଠ ଅଧିକାରୀମାନେ କହିଛନ୍ତି ଯେ, ଅନେକ ମତଭେଦ ରହିଛି ଯାହା ଉପରେ ଆଲୋଚନା କରିବା ଆବଶ୍ୟକ । ଏଥିସହ ଟ୍ରମ୍ପ ହମାସର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଏବଂ ଏବେ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଜୋର ଦେଉଛନ୍ତି ।

## ଜୟପୁରର ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ, ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ରାଜସ୍ଥାନ : ଜୟପୁରର ଏକ ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି । ଟ୍ରମା କେୟାର ସେଣ୍ଟରର ଦ୍ୱିତୀୟ ମହଲାରେ ଥିବା ନ୍ୟୁରୋ ଆଇସିୟୁ ୱାର୍ଡର ଷ୍ଟୋରରେ ଏହି ଘଟଣା ଘଟିଛି । ଏପରି ଘଟଣା ବିଳମ୍ବିତ ରାତି ପ୍ରାୟ ୧୧ଟା ୨୦ ମିନିଟ୍ ସମୟରେ ଘଟିଛି । ସର୍ଟ ସର୍କିଟ୍ ଯୋଗୁଁ ଏହି ଘଟଣା ଘଟିଥିବା ସୂଚନା ମିଳୁଛି । ସୂଚନାନୁଯାୟୀ, ସେହି ୱାର୍ଡରେ ୨୪ ଜଣ ରୋଗୀଙ୍କୁ ଭର୍ତ୍ତି କରାଯାଇଥିଲା । ସେହି ୱାର୍ଡରେ ଟ୍ରମା ସେଣ୍ଟର ମଧ୍ୟ ସାମିଲ ରହିଥିଲା । ଷ୍ଟୋରରେ ସଂରକ୍ଷିତ କାଗଜ, ଆଇସିୟୁ ଉପକରଣ ଏବଂ ରକ୍ତ ନମୁନା ଟ୍ୟୁବରେ ନିଆଁ ଲାଗିଯାଇଥିଲା । ଫଳରେ ସମସ୍ତ ରୋଗୀଙ୍କୁ ସେହି ସ୍ଥାନରୁ ସ୍ଥାନାନ୍ତର କରାଯାଇଥିଲା । ତେଣୁ ୧୧ଜଣ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା । ସେମାନଙ୍କୁ ମଧ୍ୟରୁ ୬ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ।ହସ୍ପିଟାଲରେ ନିଆଁ ଲାଗିଥିବାରୁ ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି । ଏହାରି ମଧ୍ୟରେ ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ପରିବାର ଲୋକେ ହସ୍ପିଟାଲର ଅବହେଳାକୁ ନେଇ ଅଭିଯୋଗ ଆଣିଛନ୍ତି । ପୀଡିତ ପରିବାର ଲୋକେ କହିଛନ୍ତି ଯେ, ଧୂଆଁ ବ୍ୟାପିବା ମାତ୍ରେ ୱାର୍ଡ ବୟ ଏବଂ ଅନ୍ୟ କର୍ମଚାରୀମାନେ ନିଖୋଜ ହୋଇଗଲେ। ଦୀର୍ଘ ସମୟ ଧରି ରୋଗୀମାନଙ୍କୁ ସ୍ଥାନାନ୍ତର କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା। ରୋଗୀଙ୍କ ପରିବାର ନିଜେ ସେମାନଙ୍କ ରୋଗୀଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ଦୁର୍ଭାଗ୍ୟବସତଃ ସେମାନଙ୍କ ମଧ୍ୟରୁ ୬ଜଣଙ୍କର ମୃତ୍ୟୁ ହୋଇଥିଲା ।

## ୟୁକ୍ରେନ ଉପରେ ଡ୍ରୋନ୍ ମାଡ଼, ମିସାଇଲ ମାଡ଼ରେ ୫ ମୃତ

ୟୁକ୍ରେନ : ୟୁକ୍ରେନ ଉପରେ ରୁଷର ପ୍ରଚଣ୍ଡ ଆକ୍ରମଣ। ରାତି ସାରା ୟୁକ୍ରେନର ବିଭିନ୍ନ ସହର ଉପରେ ତୁହାକୁ ତୁହା ମିସାଇଲ ଓ ଡ୍ରୋନ ଆଟାକ। ରାତିରେ କ୍ରେମଲିନ ପକ୍ଷରୁ ପ୍ରାୟ ୫୦ ମିସାଇଲ ଓ ୫ଶହ ଡ୍ରୋନ ଆଟାକ ହୋଇଥିବା ଦାବି କରିଛି ୟୁକ୍ରେନ। ମୁଖ୍ୟତଃ ୯ଟି ସହର ଲଭିଭ, ଝାପୋରଝିଆ, ଇଭାନେ-ଫ୍ରାଙ୍କିଭସ୍କି, ଚେର୍ଣ୍ଣିହିଭ,ଖେରସନ, ଖାରକିଭ, ଓଡେଶା, ଭିନିସିଆ ଆଦିକୁ ଟାର୍ଗେଟ କରାଯାଇଥିଲା। ୟୁକ୍ରେନର ବିଦ୍ୟୁତ ଓ ଶକ୍ତି ଭିତ୍ତିଭୂମି ଏବଂ ସାଧାରଣ ଜନବସତି ଉପରେ ହୋଇଛି ଆକ୍ରମଣ। ଏଥିରେ ପ୍ରାୟ ୬ ଜଣଙ୍କର ମୃତ୍ୟୁ ହୋଇ ଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି। ଉତ୍ତର ଚେର୍ଣ୍ଣିହିଭର ଝାପରୋଝିଆରେ ବିଜୁଳି ଭିତ୍ତିଭୂମି ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିବା କହିଛନ୍ତି ୟୁକ୍ରେନ ଶକ୍ତିମନ୍ତ୍ରୀ।

## ବିହାର ନିର୍ବାଚନ : ମାୟାବତୀଙ୍କ ବଡ଼ ଘୋଷଣା, ସମସ୍ତ ଆସନରେ ପ୍ରାର୍ଥୀ ଦେବ ବିଏସପି



ବିହାର : ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ନିର୍ବାଚନ କମିଶନ । ବିହାର ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ଗୁରୁବାର (୬ ନଭେମ୍ବର) ଏବଂ ଦ୍ୱିତୀୟ ପର୍ଯ୍ୟାୟ ମଙ୍ଗଳବାର (୧୧ ନଭେମ୍ବର) ରେ ହେବ । ନିର୍ବାଚନ ଫଳାଫଳ ଶୁକ୍ରବାର (୧୪ ନଭେମ୍ବର) ରେ ଘୋଷଣା କରାଯିବ । ନିର୍ବାଚନ କମିଶନଙ୍କ ଘୋଷଣା ପରେ ବିଏସପି ସୁପ୍ରିମୋ ମାୟାବତୀ ଟ୍ୱିଟ୍ କରିଛନ୍ତି । ତାଙ୍କ ଟ୍ୱିଟରେ ସେ ନିର୍ବାଚନ କମିଶନଙ୍କ ଘୋଷଣାକୁ ସ୍ୱାଗତ କରିଛନ୍ତି । ସେ ବିହାର ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ତାଙ୍କ ଦଳର ଉଦ୍ଦେଶ୍ୟ ମଧ୍ୟ ସ୍ପଷ୍ଟ କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ଏକ ଟ୍ୱିଟ୍ ରେ ଲେଖିଛନ୍ତି - ଆଜି ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ବହୁ ପ୍ରତୀକ୍ଷିତ ବିହାର ରାଜ୍ୟ ବିଧାନସଭା ସାଧାରଣ ନିର୍ବାଚନ ୬ ଏବଂ ୧୧ ନଭେମ୍ବର ଦୁଇଟି ପର୍ଯ୍ୟାୟରେ କରାଯିବାର ଘୋଷଣା ସ୍ୱାଗତଯୋଗ୍ୟ । ବୃହତ୍ତର ଜନସାଧାରଣ ଏବଂ ଜାତୀୟ ସ୍ୱାର୍ଥ ପାଇଁ ଏବଂ ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ, ନିର୍ବାଚନ କମିଶନ ନିଶ୍ଚିତ କରିବେ ଯେ ଭୋଟ୍ ବ୍ୟବସ୍ଥା ପ୍ରକୃତରେ ମୁକ୍ତ, ନିରପେକ୍ଷ ଏବଂ ଲୋକଙ୍କ ଇଚ୍ଛା ଅନୁଯାୟୀ ଟଙ୍କା ଏବଂ ବାହୁବଳୀର ଆଘାତରୁ ମୁକ୍ତ ହେବ । କମିଶନ ପୋଲିସ ଏବଂ ସରକାରୀ ଯନ୍ତ୍ରପାତିର ଅପବ୍ୟବହାର ରୋକିବା ପାଇଁ କଠୋର ଏବଂ ପ୍ରଭାବଶାଳୀ ପଦକ୍ଷେପ ନେବେ । ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଦ୍ୱାରା ପ୍ରତ୍ୟେକ ନାଗରିକଙ୍କୁ ଦିଆଯାଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଅଧିକାରକୁ ବ୍ୟବହାର କରି, ଶାନ୍ତିପୂର୍ଣ୍ଣ ଭାବରେ ଗଣତନ୍ତ୍ରର ଏହି ଉତ୍ସବରେ ଉତ୍ସାହର ସହିତ ଅଂଶଗ୍ରହଣ କରିବାକୁ ବିଏସପି ବିହାରର ଲୋକମାନଙ୍କୁ ଏକ ବିଶେଷ ନିବେଦନ କରୁଛି । ବହୁଜନ ସମାଜ ପାର୍ଟି (ଇଝଚ) ବିହାର ବିଧାନସଭା ନିର୍ବାଚନରେ ??ପ୍ରାୟ ସମସ୍ତ ଆସନରେ ଏକାକୀ ଲଢ଼ିବ । ଦଳର ସମସ୍ତ ସ୍ତରର ସଦସ୍ୟମାନେ ଏହି ନିର୍ବାଚନ ପାଇଁ ସକ୍ରିୟ ଭାବରେ ପ୍ରସ୍ତୁତି ଚଳାଇଛନ୍ତି ।

## ଟ୍ରକ୍-ବୋଲେରୋ ଧକ୍କା, ୫ ମୃତ

ଛତିଶଗଡ଼ : ଛତିଶଗଡ଼ର କବିରଧାମ ଜିଲ୍ଲାରେ ମର୍ମନ୍ତୁଦ ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗମ୍ଭୀର ଭାବେ ଆହତ ହୋଇଛନ୍ତି । ଟ୍ରକ୍-ବୋଲେରୋ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି । ସୂଚନାନୁଯାୟୀ, ବୋଲେରୋ ଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ଭୁଲ୍ ରୁଟରେ ଆସୁଥିବା ଟ୍ରକ୍ ସହ ଜୋରରେ ଧକ୍କା ହୋଇଥିଲା । ଫଳରେ ବୋଲେରୋ ଡ୍ରାଇଭର, ତିନି ଜଣ ମହିଳା ଶିକ୍ଷୟିତ୍ରୀ ଏବଂ ଅନ୍ୟ ଜଣେ ଯାତ୍ରୀଙ୍କର ଘଟଣାସ୍ଥଳେ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ପୋଲିସକୁ ସୂଚନା ଦେଇଥିଲେ । ଚିଲିଫ୍ ପୋଲିସ ଷ୍ଟେସନର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଗୁରୁତର ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । କିନ୍ତୁ ଏ ପର୍ଯ୍ୟନ୍ତ ମୃତକଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ।

ଅନ୍ୟପଟେ ପୋଲିସ ଟ୍ରାଫିକ୍ ସମସ୍ୟାକୁ ସ୍ୱାଭାବିକ କରିବା ସହ ତଦନ୍ତ ଆରମ୍ଭ କରିଛି । ଏଥିସହ ସ୍ଥାନୀୟ ପ୍ରଶାସନ ମୃତକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛି ଏବଂ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି ।

## ୧୫ ବର୍ଷ ପରେ ବାପା ହତ୍ୟାର ବଦଲା ନେଲା ପୁଅ, ଅପରାଧୀକୁ ଗୁଳିରେ ଦେଲା ଜବାବ



ଉତ୍ତର ପ୍ରଦେଶ: ବାପା ହତ୍ୟାକାରୀର ବଦଲା ନେଇଛି ପୁଅ । ତାହା ପୁଣି ୧୫ ବର୍ଷ ପରେ । ଆପଣଙ୍କୁ ବିଶ୍ୱାସ ନଲାଗିଲେ ମଧ୍ୟ ଘଟଣାଟି ସତ । ହଁ ଆଜ୍ଞା ଏଭଳି ଘଟଣା ଘଟିଛି ଶନିବାର ବିଳମ୍ବିତ ସନ୍ଧ୍ୟାରେ ଉତ୍ତର ପ୍ରଦେଶର ଶାମଲିରେ । ଜଣେ ଯୁବକ ୧୫ ବର୍ଷ ପୂର୍ବରୁ ନିଜ ବାପାଙ୍କୁ ମାରିଥିବା ଅଭିଯୁକ୍ତକୁ ମାରି ନିଜ ଭିତରେ ଥିବା କ୍ରୋଧକୁ ଶାନ୍ତି କରିଛି । ଯାହା ଫଳରେ ଅଭିଯୁକ୍ତକୁ ଗୁଳିକରି ଜୀବନ ନେବାପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ସୂଚନା ଅନୁସାରେ ଝିଝାନା ଥାନାର ଚୌସାନା ଆଉଟପୋଷ୍ଟ ଅଞ୍ଚଳରେ ରହିଥିବା ମଙ୍ଗଲୌରା ଗାଁର ଯମୁନା ଡ୍ୟାମ୍ ଶନିବାର ଦିନ ସନ୍ଧ୍ୟାରେ ଗୁଳିରେ ଥରି ଉଠିଥିଲା । ବ୍ରଜପାଲଙ୍କ ପୁଅ ଜୟବୀର ଶନିବାର ବିଳମ୍ବିତ ସନ୍ଧ୍ୟାରେ ତାଙ୍କ ଚାଷ ଜମିରୁ ଫେରୁଥିବା ବେଳେ ଯମୁନା ଡ୍ୟାମ୍ ଯାଉଥିବା ବାଟରେ ସତ୍ୟବାନଙ୍କ ପୁଅ ରାହୁଲ ଓରଫ ଛୋଟୁ ତାଙ୍କୁ ଗୁଳି କରିଥିଲେ । ଏହାପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏହି ଘଟଣା ବିଷୟରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଜୟବୀରଙ୍କୁ ଆହତ ଅବସ୍ଥାରେ ପୋଲିସ ହସ୍ପିଟାଲକୁ ନେଇଯାଇଥିଲେ । କିନ୍ତୁ ବିଡମ୍ବନାର ବିଷୟ ରାସ୍ତାରେ ନେଇଥିବା ସମୟରେ ହିଁ ତାଙ୍କର ଜୀବନ ଚାଲି ଯାଇଥିଲା । ଏହି ଘଟଣା ପରେ ବିଡୋଲି ଏବଂ ଝିଞ୍ଝାନା ପୋଲିସ ସହିତ ଏକ ଫୋରେନସିକ୍ ଦଳ ଘଟଣାସ୍ଥଳରେ ପହଞ୍ଚିବା ସହ ଘଟଣାସ୍ଥଳକୁ ଯାଞ୍ଚ କରିଥିଲେ । ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହେବା ଫଳରେ ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ମୃତ ଜୟବୀର ଏବଂ ଅଭିଯୁକ୍ତ ରାହୁଲର ବାପା ବ୍ରଜପାଲ ଘନିଷ୍ଠ ବନ୍ଧୁ ଥିଲେ । ଜୟବୀର ୨୦୧୧ମସିହାରେ ବ୍ରଜପାଲଙ୍କୁ ଗୁଳି କରିଥିଲେ । ଜୟବୀର ହତ୍ୟା ପାଇଁ ୧୧ ବର୍ଷ ଜେଲରେ କାଟି ସାରିଥିଲେ ଏବଂ ତିନି ବର୍ଷ ଧରି ତାଙ୍କ ପରିବାର ସହିତ ଶାନ୍ତିରେ ରହୁଥିଲେ ବୋଲି କହିଛନ୍ତି ସ୍ଥାନୀୟ ଲୋକେ । ରାହୁଲ ତାଙ୍କ ବାପାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ବହୁ ଦିନ ଧରି ଯୋଜନା କରୁଥିବା ସନ୍ଦେହ କରାଯାଉଛି । ପରିସ୍ଥିତି ସମ୍ପର୍କରେ ଅବଗତ ରହିବା ପାଇଁ ସେ ଜୟବୀରଙ୍କ ପରିବାର ସହିତ ଯୋଗାଯୋଗ ରକ୍ଷା କରିଥିଲେ ଏବଂ ସୁଯୋଗ ପାଇବା ମାତ୍ରେ ହତ୍ୟାକାଣ୍ଡ ଘଟାଇଥିଲେ ବୋଲି ଏଏସ୍ପି ସନ୍ତୋଷ କୁମାର ସିଂହ କହିଛନ୍ତି ।

## ମାଉଣ୍ଟ ଏଭରେଷ୍ଟରେ ପ୍ରବଳ ତୁଷାରପାତ, ଫସିଲେ ୧୦୦୦ରୁ ଅଧିକ ପର୍ବତାରୋହୀ



ବେଜିଂ : ବିଶ୍ୱର ସର୍ବୋଚ୍ଚ ଶିଖର ମାଉଣ୍ଟ ଏଭରେଷ୍ଟରେ ତୁଷାରପାତ ଯୋଗୁଁ ୧୦୦୦ ରୁ ଅଧିକ ପର୍ବତାରୋହୀ ଫସି ରହିଛନ୍ତି । ସେମାନଙ୍କୁ ବଞ୍ଚାଇବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏପର୍ଯ୍ୟନ୍ତ ୩୫୦ ପର୍ବତାରୋହୀଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ଖବର ମୁତାବକ, ପ୍ରବଳ ତୁଷାରପାତ ଯୋଗୁଁ ଏଭରେଷ୍ଟର ତିବ୍ବତୀୟ ଅଂଶରେ ପ୍ରାୟ ୧୦୦୦ ରୁ ଅଧିକ ପର୍ବତାରୋହୀୟ ଫସିଥିଲେ । ସେମାନଙ୍କ ମଧ୍ୟରୁ କେବଳ ୨୦୦ ପର୍ବତାରୋହୀ ଉଦ୍ଧାରକାରୀ ଦଳ ସହିତ ଯୋଗାଯୋଗରେ ରହିଛନ୍ତି । ଉଦ୍ଧାରକାରୀ ଟିମ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ପର୍ବତାରୋହୀମାନେ ପ୍ରାୟ ୪,୨୦୦ ମିଟର ଉଚ୍ଚତାରେ ଫସି ରହିଛନ୍ତି । ସେପଟେ ପ୍ରଶାସନ ଏଭରେଷ୍ଟ ପାଇଁ ଟିକେଟ୍ ବିକ୍ରି ଉପରେ ରୋକ ଲଗାଇଛି । ଏହି ଋତୁରେ ହିମାଳୟ ଅଞ୍ଚଳରେ ତୁଷାରପାତ ବହୁତ କମ୍ ଦେଖାଯାଏ । ଏହାକୁ ସାଧାରଣତଃ ଟ୍ରେକିଂ ପାଇଁ ସବୁଠାରୁ ନିରାପଦ ଋତୁ ଭାବରେ ବିବେଚନା କରାଯାଏ । କିନ୍ତୁ ଗତ ସପ୍ତାହରେ ତିବ୍ବତୀୟ ଅଞ୍ଚଳରେ ପ୍ରବଳ ତୁଷାରପାତ ଏବଂ ବର୍ଷା ହୋଇଥିଲା, ଯାହା ଫଳରେ ଟ୍ରେକିଂ କଷ୍ଟକର ହୋଇଯାଇଥିଲା । ତେବେ ଏବେ ନେପାଳ ପ୍ରବଳ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି । ନେପାଳରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଅନେକଙ୍କ ଜୀବନ ଚାଲିଯାଇଛି ।

# ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳିବେ ରୋହିତ, କୋହଲି

ନୂଆଦିଲ୍ଲୀ,୬।୧୦: ଭାରତୀୟ କ୍ରିକେଟରେ ବଡ଼ ପରିବର୍ତ୍ତନ ଘଟୁଛି।




ବିସିସିଆଇ ଦଳର ଦୁଇ ଅଭିଜ୍ଞ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ରୋହିତଙ୍କଠାରୁ ଦିନିକିଆ। ଅଧିନାୟକ ପଦ ଛଡ଼ାଇ ନେଇ ଗିଲ୍‌ଙ୍କୁ ଦେଇଛି ବୋର୍ଡ ସ୍ପଷ୍ଟ କରିଛି, ଯଦି ଏହି ଦୁଇ ଅଭିଜ୍ଞ ଘରୋଇ କ୍ରିକେଟ ଖେଳିବା ଜାରି ନ ରଖନ୍ତି, ତେବେ ସେମାନଙ୍କୁ ୨୦୨୭ ବିଶ୍ୱକପ ପାଇଁ ଚୟନରେ ସାମିଲ କରାଯିବ ନାହିଁ।

ଗତ କିଛି ବର୍ଷ ମଧ୍ୟରେ, ବିରାଟ ଏବଂ ରୋହିତଙ୍କୁ ପ୍ରାୟତଃ ବିଶ୍ରାମ କିମ୍ବା ବିରତି ନେଉଥିବା ଦେଖାଯାଇଛି। ଏହି ସମୟ ମଧ୍ୟରେ ସେମାନେ ଘରୋଇ ଟୁର୍ନାମେଣ୍ଟରୁ ଦୂରେଇ ରହିଥିଲେ। ଯୁବ ଖେଳାଳିମାନେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ କଠିନ ପରିଶ୍ରମ କରିଥିଲେ ତଥାପି, ବିସିସିଆଇ ଏବେ ସ୍ପଷ୍ଟ କରିଛି ଯେ, କୌଣସି ଖେଳାଳି, ଯେତେ ବଡ଼ ନାମ ହେଉନା କାହିଁକି, ଘରୋଇ କ୍ରିକେଟରୁ ଦୂରେଇ ରହିପାରିବେ ନାହିଁ।୨୦୨୭ ବିଶ୍ୱକପ ଖେଳିବା ପାଇଁ, ବିରାଟ ଏବଂ ରୋହିତଙ୍କୁ ଏବେ ପୁଣି ଥରେ ନିଜକୁ ପ୍ରମାଣ କରିବାକୁ ପଡିବ। ଉଭୟ ଖେଳାଳି ବର୍ତ୍ତମାନ କେବଳ ଦିନିକିଆ। ଫର୍ମାଟରେ ସକ୍ରିୟ ଅଛନ୍ତି, ପୂର୍ବରୁ ଟେଷ୍ଟ ଏବଂ ଟି୨୦ କ୍ରିକେଟରୁ ଅବସର ନେଇସାରିଛନ୍ତି।ଫଳସ୍ୱରୂପ, ସେମାନଙ୍କର ଧ୍ୟାନ ସୀମିତ ଓଭର କ୍ରିକେଟକୁ ସ୍ଥାନାନ୍ତରିତ ହେବ, କିନ୍ତୁ ଚୟନକର୍ତ୍ତାଙ୍କ ବାର୍ତ୍ତା ସ୍ପଷ୍ଟ: ପ୍ରଦର୍ଶନ, ବରିଷ୍ଠତା ନୁହେଁ, ଦଳରେ ଯୋଗଦାନର ଋବିକାଠି।

ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଅକ୍ଟୋବର ୫ରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ, ଚୟନ ପ୍ରକ୍ରିୟା ଏବେ କେବଳ ପ୍ରଦର୍ଶନ ଉପରେ ଆଧାରିତ ହେବ ଆମେ ଖେଳାଳିମାନଙ୍କୁ ସ୍ପଷ୍ଟ ଭାବରେ କହିଛୁ ଯେ, ଯେତେବେଳେ ସେମାନେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳୁ ନ ଥିବେ, ସେମାନଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ପଡିବ ଏହି ନିୟମ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ।

ଅଗରକର ଏହା ମଧ୍ୟ କହିଛନ୍ତି ଯେ, ବିଜୟ ହଜାରେ ଟ୍ରଫି ଭଳି ଟୁର୍ନାମେଣ୍ଟ ଏବେ ଚୟନ ପାଇଁ ଏକ ପ୍ରମୁଖ ମାନଦଣ୍ଡ ହେବ। ଏହାର ଅର୍ଥ ହେଉଛି ଯେ କେବଳ ନାମ କିମ୍ବା ଅଭିଜ୍ଞତା ନୁହେଁ, ପଡ଼ିଆରେ ସାମ୍ପ୍ରତିକ ପ୍ରଦର୍ଶନ ଖେଳାଳିଙ୍କ ସ୍ଥାନ ନିର୍ଣ୍ଣୟ କରିବ। ଶୁବମନ ଗିଲଙ୍କୁ ଅଧିନାୟକ୍ ଦେଇ ଏକ କଠୋର ଚୟନ ନୀତି ଗ୍ରହଣ କରିଛି।ବୋର୍ଡ ବିସିସିଆଇ ଏହା ଜଣାଇବାକୁ ଋହୁଁଛି ଯେ, ଭାରତୀୟ କ୍ରିକେଟର ଭବିଷ୍ୟତ ଏବେ ଯୁବ ଏବଂ ଫିଟ ଖେଳାଳିଙ୍କ ଉପରେ ନିର୍ଭର କରେ ଏହି ନିଷ୍ପତ୍ତି ପ୍ରଶଂସକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ହୋଇପାରେ, ଏହା ଭାରତୀୟ ଦଳ ମଧ୍ୟରେ ପ୍ରତିଯୋଗିତା ଏବଂ ସ୍ୱଚ୍ଛତା ବୃଦ୍ଧି କରିବ।

# ୧୧ ରେ ଜଗତସିଂହପୁର ଚେସ ଚମ୍ପିୟାନସିପ

ପାରାଦୀପ,୬।୧୦: ଜଗତସିଂହପୁର ଚେସ୍ ଆସୋସିଏସନ ଓ ନିଖିଳ ଓଡ଼ିଶା ଚେସ୍ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଜଗତସସିଂହପୁର ଚେସ୍ ଚମ୍ପିଆନସିପ୍ ପାରାଦ୍ୱୀପରେ ଚଳିତ ଅକ୍ଟୋବର ୧୧ ଓ ୧୨ ଦୁଇଦିନ ଧରି ଅନୁଷ୍ଠିତ ହେବ ଏହି ପ୍ରତିଯୋଗିତା ପାରାଦ୍ୱୀପ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ହେବ ଏଥିରେ ଜଗତସିଂହପୁର ଜିଲ୍ଲାର ଯେକୌଣସି ଖେଳାଳି ଅଂଶଗ୍ରହଣ କରିପାରିବେ। ଏହି ପ୍ରତିଯୋଗିତାରେ ୩୦ ହଜାର ଟଙ୍କା ପୁରସ୍କାର ରାଶି ରଖାଯାଇଛି । ପ୍ରତିଯୋଗିତା ପାଇଁ ସହଯୋଗ ଲାଗି ଆୟୋଜକ କମିଟି ପକ୍ଷରୁ କିଟ୍ ଓ କିସର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ, ଜଗତସିଂହପୁର ଚେସ୍ ସଂଘ ସମ୍ପାଦକ ଡି. ଗଗନେନ୍ଦୁ ଦାଶଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ସ୍ପୋର୍ଟସ କାଉନସିଲ କ୍ରୀଡ଼ା ପରାମର୍ଶଦାତା ତଥା ଫୁଟବଲ ପ୍ରଶିକ୍ଷକ ରବୀନ୍ଦ୍ର କୁମାର ଦାସ ଓ ପାରାଦ୍ୱୀପ ପୋର୍ଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକଙ୍କ ପକ୍ଷରୁ ଏହି ମ୍ୟାଚର ଆୟୋଜନ ଓ ପ୍ରୋତ୍ସାହନ ଲାଗି ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଜଗତସିଂହପୁର ଜିଲାରେ ଚେସ ଖେଳର ଲୋକପ୍ରିୟତା ନେଇ ଏହା ଏକ ପ୍ରୟାସ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ପ୍ରତିଯୋଗିତା ଲାଗି ଅଧିକ ବିବରଣୀ ପାଇଁ ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଫୋନ ନମ୍ବର ୯୯୩୭୮୮୬୩୭୨ ରେ ଓ ଜେସିଏ ସଦସ୍ୟ ସୁପର୍ଣ୍ଣା ହୋତାଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ପାକ୍ ଖେଳାଳିଙ୍କୁ ଆଇସିସିର କଠୋର ଦଣ୍ଡ

ନୂଆଦିଲ୍ଲୀ,୬।୧୦: ଆଇସିସି ଆଚରଣ ସଂହିତା ଉଲ୍ଲଂଘନ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପାକିସ୍ତାନୀ କ୍ରିକେଟର ସିଦ୍ରା ଅମିନଙ୍କୁ ଦଣ୍ଡିତ କରିଛି।ଗତ ରବିବାର, ଭାରତ ବନାମ ପାକିସ୍ତାନ ମହିଳା ବିଶ୍ୱକପ ମ୍ୟାଚ ସମୟରେ, ଭାରତ ୮୮ ରନରେ ବିଜୟୀ ହୋଇଥିଲା ସିଦ୍ରା ଅମିନ ମ୍ୟାଚରେ ୮୧ ରନ କରିଥିଲେ, କିନ୍ତୁ ଆଉଟ ହେବା ପରେ ସେ ତାଙ୍କ ବ୍ୟାଟରେ ଜୋରରେ ଭୂମିକୁ ଆଘାତ କରିଥିଲେ। ଏହି ଆଚରଣ ପାଇଁ ଆଇସିସି ତାଙ୍କୁ ଦଣ୍ଡିତ କରିଛି।




ସିଦ୍ରା ଅମିନଙ୍କୁ ଆଇସିସି ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା, ଯେଉଁଥିରେ କୁହାଯାଇଛି ଯେ ଜଣେ ଖେଳାଳି ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ସମୟରେ କ୍ରିକେଟ ଉପକରଣ କିମ୍ବା ପୋଷାକ କିମ୍ବା ଭୂମିରେ ଥିବା କୌଣସି ସମ୍ପତ୍ତିକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। ଏହି ଘଟଣା ପାକିସ୍ତାନୀ ଇନିଂସର ୪୦ତମ ଓଭରରେ ଘଟିଥିଲା, ଯେତେବେଳେ ହରମନପ୍ରୀତ କୌରଙ୍କ ହାତରେ କ୍ୟାଚ ପରେ ଅମିନ ରାଗି ତାଙ୍କ ବ୍ୟାଟରେ ଭୂମିକୁ ଆଘାତ କରିଥିଲେ।

ଏହି ଆଚରଣ ପାଇଁ ସିଦ୍ରା ଅମିନଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମଧ୍ୟ ଦିଆଯାଇଛି, ଏହା ୨୪ ମାସ ମଧ୍ୟରେ ତାଙ୍କର ପ୍ରଥମ ଅପରାଧ ଲେବଲ ୧ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ ଫିର ୫୦ ପ୍ରତିଶତ ଜରିମାନା କିମ୍ବା ଗୋଟିଏ କିମ୍ବା ଦୁଇଟି ଡିମେରିଟ ପଏଣ୍ଟ ପ୍ରଦାନ କରାଯାଇପାରେ ଉଭୟ ଫିଲ୍ଡ ଅମ୍ପାୟାର, ତୃତୀୟ ଏବଂ ଚତୁର୍ଥ ଅମ୍ପାୟାର ମଧ ଅମିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

ଆଇସିସି ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନକୁ ସିଦରା ଗ୍ରହଣ କରି ନେଇଛନ୍ତି। ଏମିରେଟ୍ସ ଆଇସିସିର ପ୍ୟାନେଲ ମ୍ୟାଚ୍ ରେଫରୀ ଶାଣ୍ଡ୍ରେ ଫ୍ରିଟଜଙ୍କ ପକ୍ଷରୁ ଅମୀନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରି ନେଇଥିବାରୁ ଏହାର ବିଧିବଦ୍ଧ ଶୁଣାଣି ମଧ ହେବନାହିଁ । ପ୍ରଥମେ ଅମୀନଙ୍କ ବିରୋଧରେ ଦୁଇ ଫିଲ୍ଡ ଅମ୍ପାୟାର ଲାଉରେନ ଆଗେନବାଗ ଓ ନିମାଲି ପେରେରା, ତୃତୀୟ ଅମ୍ପାୟାର କେରିନ କ୍ଲାଷ୍ଟେ ଏବଂ ୪ର୍ଥ ଅମ୍ପାୟାର କିମ କଟ୍ଟନ ପ୍ରଥମେ ଅଭିଯୋଗ କରିଥିଲେ ଏହାପରେ ଅମୀନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ମୁଁ ଅଧିନାୟକ ହେବାକୁ ଋହୁଁଛି : ଯଶସ୍ୱୀ

ନୂଆଦିଲ୍ଲୀ,୬।୧୦: ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ଅନେକ ପରିବର୍ତ୍ତନ ଅନୁଭବ କରୁଛି ଅନେକ ଅଭିଜ୍ଞ ଖେଳାଳି ବିଭିନ୍ନ ଫର୍ମାଟରୁ ଅବସର ନେଇସାରିଛନ୍ତି ଭାରତୀୟ ଅଧିନାୟକତ୍ୱରେ ମଧ୍ୟ ପରିବର୍ତ୍ତନ ଘଟୁଛି।ରୋହିତ ଶର୍ମାଙ୍କ ଟେଷ୍ଟ କ୍ରିକେଟରୁ ଅବସର ପରେ, ଶୁଭମନ ଗିଲଙ୍କୁ ପ୍ରଥମେ ଟିମ ଇଣ୍ଡିଆର ଟେଷ୍ଟ ଦଳର ଅଧିନାୟକ ନିଯୁକ୍ତ କରାଯାଇଥିଲା। ବର୍ତ୍ତମାନ, ରୋହିତ ଶର୍ମାଙ୍କ ନିରନ୍ତର ଉପସ୍ଥିତି ସତ୍ତ୍ୱେ, ଗିଲଙ୍କୁ ଦିନିକିଆ। ଦଳର ଅଧିନାୟକ ମଧ୍ୟ ନିଯୁକ୍ତ କରାଯାଇଛି। ଏହି ସମୟରେ, ଯୁବ ଭାରତୀୟ ବ୍ୟାଟସମ୍ୟାନ ଯଶସ୍ୱୀ ଜୟସ୍ୱାଲଙ୍କ ଏକ ବୟାନ ସାମ୍ନାକୁ ଆସିଛି, ଯେଉଁଥିରେ ସେ ଦଳର ଅଧିନାୟକ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି।



ଯୁବ ଭାରତୀୟ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଏକ ସାକ୍ଷାତକାରରେ ତାଙ୍କର ଭାବନା ପ୍ରକାଶ କରିଛନ୍ତି। ଯଶସ୍ୱୀ କହିଛନ୍ତି, ମୁଁ ପ୍ରତିଦିନ ମୋର ଫିଟନେସ ଏବଂ ଦକ୍ଷତା ଉପରେ କାମ କରୁଛି। ନିଜକୁ ଉନ୍ନତ କରିବା ପାଇଁ ପ୍ରତିଦିନ ମୋ ଶରୀର ଉପରେ କାମ କରିବା ଗୁରୁତ୍ୱପୂର୍ଣ୍ଣ। ମୁଁ ଭାବୁଛି ମୋତେ ଆହୁରି ଫିଟ ହେବାକୁ ପଡିବ। ମୁଁ ଜଣେ ଭଲ ଲିଡର ହେବା ପାଇଁ ନିଜ ଉପରେ ଯଥେଷ୍ଟ କାମ କରିବାକୁ ଋହେଁ, କାରଣ ମୁଁ ଭବିଷ୍ୟତରେ ଜଣେ ଦଳର ଅଧିନାୟକ ହେବାକୁ ଋହେଁ।

ଯଶସ୍ୱୀ ଜୟସ୍ୱାଲଙ୍କୁ ଟିମ ଇଣ୍ଡିଆର ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଭାବରେ ଦେଖାଯାଏ ଜୟସ୍ୱାଲ ଭାରତ ପାଇଁ ଟେଷ୍ଟ, ଦିନିକିଆ। ଏବଂ ଟି-୨୦ ତିନୋଟି ଫର୍ମାଟରେ ଡେବ୍ୟୁ କରିଛନ୍ତି ଜୟସ୍ୱାଲ ଏପର୍ଯ୍ୟନ୍ତ ଟିମ ଇଣ୍ଡିଆ। ପାଇଁ ୨୫ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି, ୪୯.୮୮ ହାରରେ ୩,୩୯୦ ରନ କରିଛନ୍ତି ଜୟସ୍ୱାଲଙ୍କ ସର୍ବାଧିକ ଟେଷ୍ଟ ସ୍କୋର ହେଉଛି ୨୧୪ ଅପରାଜିତ। ଏହି ୨୩ ବର୍ଷୀୟ ଭାରତୀୟ ଖେଳାଳି ଏପର୍ଯ୍ୟନ୍ତ କେବଳ ଗୋଟିଏ ଦିନିକିଆ। ମ୍ୟାଚ ଖେଳିଛନ୍ତି। ଜୟସ୍ୱାଲ ୨୩ଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ ରେ ୩୬.୧୫ ହାରରେ ୭୨୩ ରନ କରିଛନ୍ତି। ତାଙ୍କ ଛୋଟ କ୍ୟାରିଅରରେ, ଜୟସ୍ୱାଲ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ ରେ ଗୋଟିଏ ଶତକ ଏବଂ ପାଞ୍ଚଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

# ଧାୱନ କଲେ ଭସ୍ମ ଆରତି

ନୂଆଦିଲ୍ଲୀ,୬।୧୦: ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାନ ଉଜେନର ପ୍ରସିଦ୍ଧ ଶ୍ରୀ ମହାକାଳେଶ୍ୱର ମନ୍ଦିର ଯାଇ ସେଠାକାର ଭସ୍ମ ଆରତି ପୂଜାରେ ଯୋଗ ଦେଇଛନ୍ତି ଧାନଙ୍କ ଉପସ୍ଥିତି ମଧ ଶ୍ରଦ୍ଧାଳୁଙ୍କ ଧ୍ୟାନ ଆକର୍ଷଣ କରିଥିଲା ଏହି ପୂଜା ଲାଗି ଧାନ ରବିବାର ସକାଳୁ ସକାଳୁ ମନ୍ଦିରରେ ପହଞ୍ଚି ଯାଇଥିଲେ ନାରଙ୍ଗୀ ରଙ୍ଗର ପାରମ୍ପରିକ ପୋଷାକ ପିନ୍ଧି ଭଗବାନ ମହାକାଳେଶ୍ୱରଙ୍କୁ ପୂଜା ଅର୍ପଣ କରିବା ସହ ପାରମ୍ପରିକ ଭସ୍ମ ଆରତିରେ ଯୋଗଦେଇଥିଲେ ଧାନ ପୂଜା କରୁଥିବାର ଭିଡିଓ ପଦାକୁ ଆସିବା ପରେ ଭାଇରାଲ୍ ହୋଇଛି।



ପୂଜା ସରିବା ପରେ ସେ କହିଥିଲେ ଯେ ମୋତେ ଭଗବାନଙ୍କ ଶରଣକୁ ଆସି ବହୁତ ଭଲ ଲାଗିଲା ଏଠାରେ ବିତାଇଥିବା ପ୍ରତିଟି ମୁହୂର୍ତ୍ତକୁ ମୁଁ ଉପଭୋଗ କରିଛି ମହାକାଳଙ୍କ ଆରତିରୁ ମିଳିଥିବା ଶକ୍ତିକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି ବାବା ମହାକାଳେଶ୍ୱରଙ୍କ ଆଶୀର୍ବାଦ ଆମ ସମସ୍ତଙ୍କୁ ଲୋଡ଼ା ଆଶା କରୁଛି ତାଙ୍କ ଶୁଭ ଆଶୀର୍ବାଦ ସମଗ୍ର ବିଶ୍ୱ ଉପରେ ଏହିଭଳି ଭାବେ ରହିବ।

# ରୋହିତଙ୍କୁ ନେଇ ଦୁଃଖ ପ୍ରକାଶ କଲେ କୈଫ

ନୂଆଦିଲ୍ଲୀ,୬।୧୦: ପ୍ରତୀକ୍ଷାର ଅନ୍ତ ଘଟିଛି ଅଷ୍ଟ୍ରେଲିଆ। ଗସ୍ତ ପାଇଁ ଭାରତର ଦିନିକିଆ ଦଳ ଘୋଷଣା କରାଯାଇଛି । ୧୫ଜଣିଆ। ଦିନିକିଆ। ଦଳ କିଛି ମାତ୍ରାରେ କ୍ରିକେଟ୍ ପ୍ରେମୀଙ୍କୁ ଖୁସି କରିଥିବାବେଳେ ଆଉ କିଛି ଘଟଣା ମର୍ମାହତ କରିଛି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ। ଦଳରେ ସ୍ଥାନ ପାଇବା ଫଳରେ ସମଗ୍ର ବିଶ୍ୱର କ୍ରିକେଟ୍ ପ୍ରେମୀଙ୍କ ଉତ୍କଣ୍ଠା ବଢ଼ି ଯାଇଛି ମାତ୍ର ରୋହିତଙ୍କ ଠାରୁ ନେତୃ ଛଡ଼ାଇ ନିଆଯିବା ଖବର ନିରାଶ କରିଛି ଶୁଭମନ ଗିଲ ନୂଆ। ଅଧିନାୟକ ନିଯୁକ୍ତ ହୋଇଛନ୍ତି ଅନ୍ୟତମ ଅଭିଜ୍ଞ ତଥା ସଫଳ ବ୍ୟାଟର ଶ୍ରେୟାସ ଆୟରଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି ରୋହିତଙ୍କଟୁ କ୍ୟାପ୍ଟେନ୍ସି ଛଡାଇ ଶୁଭମନଙ୍କୁ ଦେବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପୂର୍ବତନ କ୍ରିକେଟର ମହମ୍ମଦ କୈଫ।





ସୋସିଆଲ ମିଡିଆରେ ଭିଡିଓ ସେୟାର କରି ପୂର୍ବ କ୍ରିକେଟର ମହମ୍ମଦ କୈଫ କହିଛନ୍ତି,'' ରୋହିତ ଶର୍ମା ଭାରତକୁ ୧୬ ବର୍ଷ ଦେଇଛନ୍ତି। କ୍ୟାପ୍ଟେନ ହିସାବରେ ତାଙ୍କୁ ଆମେ ଗୋଟିଏ ବି ବର୍ଷ ଦେଇପାରିଲୁ ନାହିଁ। ଅଧିନାୟକ ଭାବରେ, ସେ ୧୬ ଆଇସିସି ଇଭେଣ୍ଟ ମଧ୍ୟରୁ ୧୫ଟି ଜିତିଛନ୍ତି। ସେ କେବଳ ଗୋଟିଏ ମ୍ୟାଚ୍ ହାରିଥିଲେ, ଯାହା ୨୦୨୩ ଦିନିକିଆ ବିଶ୍ୱକପ୍ ଅଷ୍ଟ୍ରେଲିଆ। ବିପକ୍ଷ ଫାଇନାଲ୍ ଥିଲା । ସେ ଦୁବାଇରେ ଋମ୍ପିଅନ୍ସ ଟ୍ରଫି ଫାଇନାଲରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଥିଲେ। ଟ୍ରଫି ଜିତିଥିଲେ। ଭାରତ ୨୦୨୪ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିଥିଲା। ଏହାପରେ ସେ ବଡ଼ପଣ ଦେଖାଇ ନୂଆ। ପ୍ଲେୟାରଙ୍କୁ ସୁଯୋଗ ଦେବାକୁ ଅବସର ନେଇଥିଲେ।

ମହମ୍ମଦ କୈଫ ଆହୁରି କହିଛନ୍ତି, ''ହିନ୍ଦୁସ୍ତାନରେ ଏକ ଉଦାହରଣ ଅଛି ଯେ ପର୍ଯ୍ୟନ୍ତ ତୁମର ସମୟ ଋଲିଛି ଦବଦବା ଦେଖାଅ। ହେଲେ ରୋହିତ ସେପରି କଲେ ନାହିଁ। ସେ ପ୍ଲେୟାର ତିଆରି କରିଛନ୍ତି, ସେମାନଙ୍କୁ ଶିଖାଇଛନ୍ତି। ଅଣ୍ଡର ପ୍ରେସରରେ କିପରି ଖେଳିବ ଶିଖାଇଛନ୍ତି। ହେଲେ ଆମେ ତାଙ୍କୁ ଗୋଟିଏ ବର୍ଷ ୨୦୨୭ ବିଶ୍ୱକପରେ ଅଧିନାୟତ୍ୱ କରିବାକୁ ଦେଲୁନାହିଁ। ଯେଉଁ ଅଧିନାୟକ ଆମକୁ ୮ମାସରେ ୨ଟି ଆଇସିସି ଟ୍ରଫି ଦେଇଛନ୍ତି। ତାଙ୍କ ସ୍ଥାନରେ ଶୁମନ ଗିଲ ନେତୃ ନେବେ ଗିଲ୍ ୟଙ୍ଗ, ନୂଆ, ଭଲ ନେତୃତ୍ୱ ନେଇପାରିବେ। ହେଲେ ସବୁ ଜିନିଷରେ ତରବରିଆ କାହିଁକି ? ଛପର ଫାଡିକି ଦେବାର ଆବଶ୍ୟକତା କାହିଁକି ? ତାଙ୍କ ସମୟ ଆସିବ ହେଲେ ବର୍ତ୍ତମାନ ରୋହିତଙ୍କ ସମୟ ଥିଲା ।

# ବିଦର୍ଭ ଜିତିଲା ଇରାନୀ ଟ୍ରଫି

ନାଗପୁର: ଯଶ୍ ଧୁଲ୍‌ଙ୍କ ଲଢୁଆ। ୯୨ ରନ୍ ସତ୍ତ୍ୱେ ଅବଶିଷ୍ଟ ଭାରତକୁ ୯୩ ରନ୍‌ରେ ପରାସ୍ତ କରି ବିଦର୍ଭ ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାଜନକ କ୍ରିକେଟ୍ ପ୍ରତିଯୋଗିତା ଇରାନୀ ଟ୍ରଫି ଜିତି ନେଇଛି। ୩୬୧ ରନ୍‌କୁ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଅବଶିଷ୍ଟ ଭାରତ ପ୍ରତିପକ୍ଷ ବିଦର୍ଭ ବୋଲରଙ୍କୁ ମୁକାବିଲା କରି ନପାରି ୨୬୭ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ରବିବାର ପଞ୍ଚମ ତଥା ଶେଷ ଦିବସର ଦ୍ୱିତୀୟ ଅଧିବେଶନରେ ବିଦର୍ଭର ବାମହାତୀ ସ୍ପିନର ହର୍ଷ ଦୁବେ (୪/୭୩) ଏବଂ ଦ୍ରୁତ ବୋଲର୍ ଯଶ୍ ଠାକୁର (୨/୪୭) ହିଁ ଅବଶିଷ୍ଟ ଭାରତର ସର୍ବାଧିକ କ୍ଷତି ଘଟାଇଥିଲେ। ଫଳରେ ବିଦର୍ଭ ତୃତୀୟ ଥର ଇରାନୀ ଟ୍ରଫି ଖେଳି ପ୍ରତିଥର ବିଜେତା ହେବାର ଗେରବ ଅର୍ଜନ କରିଥିଲା ।



ଅବଶିଷ୍ଟ ଭାରତ ଶେଷ ଦିନର ପ୍ରଥମ ଅଧିବେଶନରେ ହିଁ ୧୩୩ ରନ୍‌ରେ ୬ ୱିକେଟ୍ ହରାଇ ପରାଜୟ ଦ୍ୱାର ଦେଶରେ ପହଞ୍ଚି ଯାଇଥିଲା। ହେଲେ ଯଶ୍ ଧୁଲ ଓ ମାନବ ସୁତାର ଲଢ଼ିଥିଲେ। ଉଭୟ ସପ୍ତମ ୱିକେଟ୍‌ରେ ୧୦୪ ରନ୍‌ର ଭାଗୀଦାରି କରି ବିଦର୍ଭର ବିଜୟକୁ ବିଳମ୍ବିତ କରିଥିଲେ ମଧ ପରାଜୟ ଟାଳି ପାରି ନଥିଲେ। ତେବେ ଲଢୁଆ ଶତକ ଅର୍ଜନ କରିବାର ୮ ରନ୍ ପୂର୍ବରୁ ଠାକୁରଙ୍କୁ ଥାର୍ଡ ମ୍ୟାନ୍ ଅଞ୍ଚଳକୁ ସ୍ଲାଇସ୍ କରିବାକୁ ଯାଇ ଅଥର୍ବ ତାଇଡେଙ୍କ ହାତରେ ଧରାପଡ଼ି ଯାଇଥିଲେ। ଧୁଲ୍ ସୀମାରେଖାର ଅତି ନିକଟରେ ତାଇଡେ ଏହି ପ୍ରତୀକ୍ଷିତ କ୍ୟାଚ୍‌କୁ ନେବା ପରେ ଠାକୁର ଓ ଧୁଲ୍ ପରସ୍ପରକୁ କଟାକ୍ଷ କରି ଏକପ୍ରକାର ହାତାହାତି ହେବାର ନିକଟତର ହୋଇଯାଇଥିଲେ। ଅମ୍ପାୟାରଙ୍କ ହସ୍ତକ୍ଷେପ ପରେ ସ୍ଥିତି ସାମାନ୍ୟ ହୋଇଥିଲା। ତେବେ ସେହିଠାରେ ଅବଶିଷ୍ଟ ଭାରତର ସବୁ ଆଶା ମଉଳି ଯାଇଥିଲା। ମାନବ ୫୬ ରନ୍ କରି ଅପରାଜିତ ରହିଥିଲେ ମଧ୍ୟ ଅନ୍ୟପଟୁ ୧୦ଟି ଯାକ ୱିକେଟ୍ ଝଡ଼ି ପଡ଼ିଥିଲା ।ଅବଶିଷ୍ଟ ଭାରତ ଶନିବାର ଚତୁର୍ଥ ଦିବସରେ ୨ ୱିକେଟ୍ ହରାଇ ୩୦ ରନ୍ କରିଥିଲେ ମଧ୍ୟ ଉଭୟ ଦଳ ପାଇଁ ସୁଯୋଗ ରହିଥିଲା। ଦୁଇ ଅପରାଜିତ ବ୍ୟାଟର୍ ଈଶାନ କିଶନ ଏବଂ ଅଧିନାୟକ ରଜତ ପଟିଦାରଙ୍କ ସହ ଅବଶିଷ୍ଟ ଭାରତ ଆଉ ଦୁଇଟି କେଟ୍ ସଅଳ ହରାଇବା ପରେ ବିଦର୍ଭ ପଲା ଭାରୀ ହୋଇଯାଇଥିଲା। ଶେଷରେ ଏହି ଦଳ ସହଜ ବିଜୟ ହାସଲ କରିଥିଲା ପ୍ରଥମ ପାଳିରେ ୧୪୩ ରନ୍‌ର ଦ୍ରୁତ ପାଳି ଖେଳିଥିବା ଅଥର୍ବ ତାଇଡେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହା ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ପାଳିରେ ୩୪୨ ଏବଂ ଦ୍ୱିତୀୟରେ ୨୩୨ ରନ୍ କରିଥିଲା। ଏହାର ଜବାବରେ ଅବଶିଷ୍ଟ ଭାରତ ପ୍ରଥମ ପାଳିରେ ୨୧୪ ରନ୍ କରିବା ପରେ ଦ୍ୱିତୀୟରେ ୨୬୭ ରନ୍‌ରେ ଅଲ୍‌ଆଉଟ୍ ହୋଇ ପରାଜିତ ହୋଇଥିଲା।

# ପୁଣି ଛାଡ଼ପତ୍ର ଦେବେ ସୋଏବ ମଲ୍ଲିକ!

ନୂଆଦିଲ୍ଲୀ: ପୂର୍ବତନ ପାକିସ୍ତାନୀ କ୍ରିକେଟର ସୋଏବ ମାଲିକ ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ଅଛନ୍ତି ରିପୋର୍ଟ ଅନୁସାରେ ସେ ତାଙ୍କ ତୃତୀୟ ପତ୍ନୀ ସାନା ଜାଭେଦଙ୍କୁ ଛାଡପତ୍ର ଦେଉଛନ୍ତି । ସୋଏବ ଏବଂ ସାନା ଗତ ବର୍ଷର ପ୍ରଥମ ମାସରେ ବିବାହ କରିଥିଲେ ଏବଂ ସୋସିଆଲ ମିଡିଆରେ ବିବାହ ଫଟୋ ସେୟାର କରିଥିଲେ। ଏବେ କୁହାଯାଉଛି ଯେ ଏହି ଦମ୍ପତି ଅଲଗା ହୋଇ ଛାଡପତ୍ର ନେଉଛନ୍ତି । ସୋଏବ ପୂର୍ବରୁ ତାଙ୍କର ଦ୍ୱିତୀୟ ପତ୍ନୀ ତଥା ପୂର୍ବତନ ଭାରତୀୟ ଟେନିସ୍ ଷ୍ଟାର ସାନିଆ। ମିର୍ଜାଙ୍କୁ ଛାଡପତ୍ର ଦେଇସାରିଛନ୍ତି। ଜାନୁଆରୀ ୨୦୨୪ରେ, ସୋଏବ ଓ ସାନା କରାଚୀରେ ଏକ ବ୍ୟକ୍ତିଗତ ଉତ୍ସବରେ ବିବାହ କରିଥିଲେ। ସୋଏବଙ୍କ ବିବାହ ସେତେବେଳେ ବହୁଳ ଭାବରେ ଆଲୋଚନା ହୋଇଥିଲା। ବିବାହ ପୂର୍ବରୁ, ସୋଏବ ଏବଂ ସାନା ଡେଟ କରୁଥିଲେ ନିକଟରେ ଏକ କାର୍ଯ୍ୟକ୍ରମରେ ସେମାନଙ୍କୁ ଅଲଗା ଅଲଗା ଆସିଥିବାର ଦେଖାଯିବାରୁ ସେମାନଙ୍କ ଛାଡପତ୍ରର ଗୁଜବ ଜୋର ଧରିଥିଲା। ସେମାନେ ପୁରା କାର୍ଯ୍ୟକ୍ରମରେ ପାଖକୁ ଆସିନଥିଲେ। କିମ୍ବା ପରସ୍ପର ସହିତ କଥାବାର୍ତ୍ତା ମଧ୍ୟ କରିନଥିଲେ।

# ୱେଷ୍ଟଇଣ୍ଡିଜର ପୂର୍ବତନ କ୍ରିକେଟରଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୬।୧୦: ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ବର୍ଣ୍ଣାର୍ଡ ଜୁଲିଆନ ୭୫ ବର୍ଷ ବୟସରେ ତ୍ରିନିଦାଦର ଉତ୍ତର ସହର ୱାଲସଲରେ ପରଲୋକ ଗମନ କରିଛନ୍ତି। ଜୁଲିଆନ ୱେଷ୍ଟଇଣ୍ଡିଜର ପ୍ରଥମ ବିଶ୍ୱକପ ବିଜୟୀ ଦଳର ଅଂଶ ଥିଲେ। ୧୯୭୫ ମସିହାରେ ପ୍ରଥମ ବିଶ୍ୱକପରେ, ସେ ଗ୍ରୁପ ପର୍ଯ୍ୟାୟରେ ଶ୍ରୀଲଙ୍କା ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିଲେ, ଋରିଟି ୱିକେଟ ନେଇଥିଲେ। ତାପରେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଘାତକ ବୋଲିଂ କରିଥିଲେ, ଋରିଟି ୱିକେଟ ପାଇଁ ୨୭ ରନ ନେଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ, ସେ ୩୭ବଲରୁ ୨୬ ରନର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ତାଙ୍କ ପରଲୋକ ଏବେ କ୍ରିକେଟ ଜଗତରେ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ପ୍ରକୃତରେ, କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ଅଧିନାୟକ କ୍ଲାଇଭ ଲଏଡ, ବର୍ଣ୍ଣାର୍ଡ ଜୁଲିଆନଙ୍କୁ ମନେ ପକାଇ କହିଛନ୍ତି, ସେ ସର୍ବଦା ତାଙ୍କର ୧୦୦ ପ୍ରତିଶତ ଦେଉଥିଲେ ସେ ବ୍ୟାଟ ଏବଂ ବଲ ଉଭୟରେ ନିର୍ଭରଯୋଗ୍ୟ ଥିଲେ। ସେ ପ୍ରତ୍ୟେକ ମ୍ୟାଚରେ ନିଜର ଉତ୍ତମ ପ୍ରଦର୍ଶନ କରିଥିଲେ ସେ ଜଣେ ଚମତ୍କାର କ୍ରିକେଟର ଥିଲେ ।ତାଙ୍କ ପ୍ରତି ଆମର ଏକ ବିଶେଷ ସମ୍ମାନ ଅଛି ସେ ଖେଳିବାକୁ ଉପଭୋଗ କରୁଥିଲେ, ଏବଂ ଦର୍ଶକେ ତାଙ୍କୁ ଦେଖି ସର୍ବଦା ଖୁସି ହେଉଥିଲେ। ମୁଁ ମନେ ରଖିଛି ଆମେ ଲର୍ଡସରେ ଆମର ପ୍ରଥମ ଟେଷ୍ଟ ଜିତିଥିଲୁ, ଏବଂ ସେ ସେଠାରେ ବହୁତ ସମୟ ପାଇଁ ଅଟୋଗ୍ରାଫ କରୁଥିଲେ ସେ ଆମ ପ୍ରତି ଭଲ ବ୍ୟବହାର କରୁଥିଲେ ଏବଂ ସବୁଠି ସମ୍ମାନ ପାଉଥିଲେ। ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ, ସେ ୱେଷ୍ଟଇଣ୍ଡିଜ ପାଇଁ ୨୪ ଟେଷ୍ଟ ଏବଂ ୧୨ ଦିନିକିଆ। ଖେଳି ମୋଟ ୮୬୬ ଟେଷ୍ଟ ରନ କରିଥିଲେ। ଏବଂ ୫୦ ୱିକେଟ ନେଇଥିଲେ ଦିନିକିଆରେ, ସେ ବ୍ୟାଟରେ ୮୬ ରନ ଏବଂ ବଲ ସହିତ ୧୮ ୱିକେଟ ନେଇଥିଲେ।



# ୧୮ ରୁ କେନ୍ଦ୍ରାପଡା ଜିଲ୍ଲା ଚେସ୍ ଚାମ୍ପିଅନସିପ୍

କେନ୍ଦ୍ରାପଡା,୬।୧୦: କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ ତଥା ୫ମ ଡାଃ ବୈଷ୍ଣବ ପରିଡା ସ୍ମାରକୀ ଚେସ ଚାମ୍ପିଅନସିପ - ୨୦୨୫, ଚଳିତ ମାସ ୧୮ ଓ ୧୯ ତାରିଖ ୨ଦିନ ବ୍ୟାପୀ ସ୍ଥାନୀୟ ଗରାପୁର୍ ଛକ ଠାରେ ଥିବା ଏକ ମଣ୍ଡପେର ଆୟୋଜିତ ହେବ । ଏଥିରେ ଜିଲ୍ଲାର ସବୁ ବର୍ଗର ଖେଳାଳି ଭାଗ ନେଇ ପାରିବେ। ଖେଳାଳି ମାନେ ୧୭ ତାରିଖ ସକାଳ ୧୦ ଟା ମଧ୍ୟରେ ସେମାନଙ୍କର ନାମ ୯୯୩୭୪୬୬୭୫୫ (ନାରାୟଣ ଦାସ), ୯୩୩୭୩୯୫୦୦୪ (ଲଲାଟ କେଶରୀ ସାମଲ) ମାଧ୍ୟମ ରେ ପଞ୍ଜୀକୃତ କରିପାରିବେ। ଏହି ଟୁର୍ଣ୍ଣାମେଣ୍ଟ କୁ ସମ୍ପୂର୍ଣ୍ଣ ନିରପେକ୍ଷ ଏବଂ ପ୍ରଭାବୀ କରିବା ପାଇଁ ଅନୁଷ୍ଠାନ ର ସଭାପତି କିଶୋର ପଣ୍ଡା ଏବଂ ସମ୍ପାଦକ ଭାବେଶ୍ ମହାନ୍ତି ଆଶାବ୍ୟକ୍ତ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ପ୍ରମୁଖ ସୂଚନା ଦେଇଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ